## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାଜଲକ୍ଷ୍ମୀ
ପରିବାରବର୍ଗ


ଲିପୁନ୍
ପରିବାରବର୍ଗ


ଲିମା
ପରିବାରବର୍ଗ


ବାପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ଗ୍ରାମବାସୀଙ୍କ ଆଗରେ ମୁଣ୍ଡ ନୁଆଁଇଛି ପୋଲିସ

**ନୟାଗଡ଼ ଅଫିସ,୧।୧୨**

- ନୟାଗଡ଼ ସଦର ଥାନା ଗୁଡୁପାଙ୍ଗୀ ଗ୍ରାମ
- କଙ୍ଗାରୁ କୋର୍ଟ କରି ଦେଲେ ଦଣ୍ଡ
- ଘର ଆଗରେ ପକାଯାଇଛି କଣ୍ଟାଡାଳ
- ୨ ପରିବାରକୁ ୨ଲକ୍ଷ ଲେଖାଏ ଜରିମାନା

ଲୋକଙ୍କୁ ସୁରକ୍ଷା ପାଇଁ ରହିଥିବା ପୋଲିସ ଶେଷରେ ଗ୍ରାମବାସୀଙ୍କ ଆଗରେ ମୁଣ୍ଡ ନୁଆଁଇଛି । ଏଭଳି ଘଟଣା ନୟାଗଡ଼ ଜିଲା ସଦର ଥାନା ଗୁଡୁପାଙ୍ଗୀ ଗ୍ରାମରେ ଦେଖିବାକୁ ମିଳିଛି । ଗ୍ରାମବାସୀ କଙ୍ଗାରୁ କୋର୍ଟ କରି ୨ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ ଜରିମାନା କରିଛନ୍ତି । ଟଙ୍କା ଦେବାରେ ଅମଙ୍ଗ ହେବାରୁ ଗୋଟିଏ ପରିବାରର ଘର ଆଗରେ ଦୁଇଦିନ ହେଲା କଣ୍ଟାବାଡ଼ ପକାଇ ସେମାନଙ୍କୁ ଅଟକାଇ ରଖାଯାଇଛି । ସେହିପରି ଆଉ ଏକ ପରିବାର ନିର୍ଯାତନାର ଶିକାର ହୋଇ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ପାଇନାହାନ୍ତି । ଏପରିସ୍ଥଳେ ସଦର ପୋଲିସ ପୀଡ଼ିତମାନଙ୍କୁ ନ୍ୟାୟ ଦେବ କ'ଣ ଓଲଟି ଗ୍ରାମବାସୀଙ୍କ ଭୟରେ ଗ୍ରାମରେ ପାଦ ମଧ୍ୟ ପକାଉନାହିଁ ।

ଘଟଣାରୁ ପ୍ରକାଶ ଯେ, ଗୁଡୁପାଙ୍ଗୀ ଗ୍ରାମର ଜଣେ ବିବାହିତା ମହିଳା ସେହି ଗ୍ରାମର ଜଣେ ଅବିବାହିତ ଯୁବକଙ୍କ ସହିତ ୪ମାସ ତଳେ ଫେରାର ହୋଇଯାଇଥିଲେ । ମହିଳାଙ୍କ ସ୍ୱାମୀ ବିଭିନ୍ନ ଆଡ଼େ ଖୋଜାଖୋଜି କରି ତାଙ୍କ ସନ୍ଧାନ ପାଇଥିଲେ । ଏହା ପରେ ମହିଳାଙ୍କୁ ତାଙ୍କ ସ୍ୱାମୀ ଗ୍ରହଣ କରିବାକୁ ରାଜି କରାଇଥିଲେ । ଥାନାରେ ମଧ୍ୟ ଏହାର ଆପୋସ ସମାଧାନ ହୋଇଥିଲା । ସେପଟେ ଅବିବାହିତ ଯୁବକ ଜଣକ ଫେରି ଗ୍ରାମରେ ରହିଆସୁଥିଲେ । ୩ଦିନ ତଳେ ଏ ନେଇ ଗ୍ରାମରେ ସଭା କରାଯାଇଥିଲା । ମହିଳାଙ୍କୁ ସାଙ୍ଗରେ ନେଇ ଫେରାର ହୋଇଯାଇଥିବାରୁ ଅବିବାହିତ ଯୁବକଙ୍କୁ ୨ଲକ୍ଷ ଟଙ୍କା ଜରିମାନା ଦେବାକୁ ଗ୍ରାମ କମିଟି କଙ୍ଗାରୁ କୋର୍ଟ ମାଧ୍ୟମରେ ନିଷ୍ପତ୍ତି ନେଇଥିଲା । ହେଲେ ଯୁବକଙ୍କ ପରିବାର ଏଥିରେ ରାଜିହୋଇ ନ ଥିଲେ । ଫଳରେ ଗ୍ରାମବାସୀ ଦୁଇଦିନ ହେଲା ତାଙ୍କ ଘର ଆଗରେ କଣ୍ଟାଡାଳ ପକାଇ ରଖିଛନ୍ତି । ସେହିଭଳି ଗ୍ରାମର ଆଉ ଜଣେ ନିର୍ଯାତିତ ହେଲେ ସନ୍ତୋଷ ପରିଡ଼ା । ସନ୍ତୋଷ ଗ୍ରାମବାସୀଙ୍କ କଥା ଶୁଣନ୍ତି ନାହିଁ । ଫଳରେ ଗ୍ରାମରେ ରହୁଥିବା ୧୬୦ ପରିବାର ତାଙ୍କ ପରିବାରକୁ ଏକଘରିଆ ରଖିଥିଲେ । ସେ ଗ୍ରାମରେ ମିଶିବାକୁ ଚାହିଁବାରୁ ୨ଲକ୍ଷ ଟଙ୍କା ଜରିମାନା ଦେଲେ ତାଙ୍କ ଉପରେ ଥିବା କଟକଣା ଉଠିଯିବ ବୋଲି ଗ୍ରାମର ମୁଖିଆମାନେ କହିଥିଲେ । ହେଲେ ସନ୍ତୋଷ ଏଥିରେ ରାଜି ହେଲେ ନାହିଁ । ଏ ନେଇ ସନ୍ତୋଷ ଜିଲାପାଳ, ଏସ୍‌ପି ଓ ସଦର ଥାନାରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଟଙ୍କାଦେଇ ନ ଥିବାରୁ ଗ୍ରାମବାସୀ ଶନିବାର ସନ୍ତୋଷଙ୍କ ବିଲର ସମସ୍ତ ଧାନ କାଟି ଦେଇଛନ୍ତି । ରବିବାର ଏହି ଧାନ ଗ୍ରାମକୋଠକୁ ଆଣିବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି । ଥାନାରେ ଅଭିଯୋଗ ହେବା ପରେ ଲୋକଙ୍କୁ ନ୍ୟାୟ ବଦଳରେ ପୋଲିସ ମୁଣ୍ଡ ନୁଆଁଇବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଉଛି । ଏ ନେଇ ସଦର ଥାନା ଅଧିକାରୀ ମନୋରମା ମଲ୍ଲିକ ଗ୍ରାମକୁ ଭୟରେ ଯାଇ ନ ଥିବା ପ୍ରକାଶ କରିଥିଲେ । ଏହାସହ ଗ୍ରାମ ସଭାପତିଙ୍କୁ ଫୋନ୍ ଯୋଗେ ଡକାଇଥିଲେ ମଧ୍ୟ ସେମାନେ ଆସୁ ନ ଥିବା ସେ କହିଥିଲେ । ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ କହନ୍ତି, ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇନାହିଁ । ଅଭିଯୋଗ ପରେ ଯାହାକିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଘଟଣା ନେଇ ଗ୍ରାମରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଜିଲା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସମାଧାନ କରିବାକୁ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି ।

# ୬ ଖଣିର ଲିଜ୍ ବାତିଲ

**ଯୋଡ଼ା, ୧।୧୨(ଡି.ଏନ.ଏ.)**

ବହୁଚର୍ଚ୍ଚିତ ଖଣି ମହାଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜରିମାନା ଖିଲାପୀ କରିଥିବା ଯୋଡ଼ା ଖଣି ମଣ୍ଡଳର ୬ ଖଣିର ଲିଜ୍ ବାତିଲ ହୋଇଛି । ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଖିଲାପି ଖଣିଗୁଡ଼ିକର ଲିଜ ବାତିଲ କରାଯାଇଥିବା ଗୁରୁବାର ଖଣି ବିଭାଗ ପକ୍ଷରୁ ସୂଚନା ମିଳିଛି । ମିଳିଥିବା ତଥ୍ୟ ଅନୁଯାୟୀ, ଯୋଡା ଖଣି ମଣ୍ଡଳର ଅର୍ଜ୍ଜୁନ ଲୋଧା ବାଲାଗୋଡ଼ା ଆଇରନ ଓ ମାଙ୍ଗାନିଜ ମାଇନ୍ସ ଲିଜ୍ ଅଞ୍ଚଳ ୩୨୬.୦୫ ହେକ୍ଟର ଥିବା ବେଳେ ୬୩ କୋଟି ୪୨ ଲକ୍ଷ ୭୦ ହଜାର ୮୬୦ ଟଙ୍କା ଜରିମାନା ଦେବା ପାଇଁ ନିର୍ଦ୍ଦେଶ ରହିଥିଲା । ସେହିପରି ବି.ଡି. ପଟ୍ଟନାୟକର କଳାପର୍ବତ ଆଇରନ ମାଇନ୍ସ ଲିଜ୍ ଅଞ୍ଚଳ ୨୫.୬୩୩ ହେକ୍ଟର, ଜରିମାନା ଅର୍ଥ ୮ କୋଟି ୩୫ ଲକ୍ଷ ୫୮ ହଜାର ୧୬୫ ଟଙ୍କା, ଭଞ୍ଜ ମିନେରାଲ୍ସ ଲିମିଟେଡ୍‌ର ଇଙ୍ଗାଣିଝରଣ ଆଇରନ ଆଣ୍ଡ ମାଙ୍ଗାନିଜ ମାଇନ୍ସ ଲିଜ ଅଞ୍ଚଳ ୨୪୬.୩୧୩ ହେକ୍ଟର ଓ ଜରିମାନା ଅର୍ଥ ୭୩ କୋଟି ୯ ଲକ୍ଷ ୪୯ ହଜାର ୪୯୧ ଟଙ୍କା, ଏର୍‌ଜି ପାଣ୍ଡ୍ୟା ଜଜାଙ୍ଗ ଆଇରନ ଏଣ୍ଡ ମାଙ୍ଗାନିଜ ମାଇନ୍ସର ଲିଜ୍ ଅଞ୍ଚଳ ୧୦୦.୧୭୩ ହେକ୍ଟର, ଜରିମାନା ଅର୍ଥ ୮୬ କୋଟି ୪୧ ଲକ୍ଷ ୨୦ ହଜାର ୬୯୮ ଟଙ୍କା, ଏମ୍.ଆର. ଦାସ ଦେଓଝର ଆଇରନ ମାଇନ୍ସର ଲିଜ୍ ଅଞ୍ଚଳ ୧୧.୫୩୭ ହେକ୍ଟର ଓ ଜରିମାନା ଅର୍ଥ ୨ କୋଟି ୯୦ ଲକ୍ଷ ୪୫ ହଜାର ୭୭୨ ଟଙ୍କା, ମିନେରାଲ ଟ୍ରେଡ଼ିଂ ସିଣ୍ଡିକେଟ ଭୋଲବେଡା ମାଇନ୍ସର ଲିଜ୍ ଅଞ୍ଚଳ ୬୨.୩୨୨ ହେକ୍ଟର ଓ ଜରିମାନା ଅର୍ଥ ୫ କୋଟି ୯୭ ଲକ୍ଷ ୧୫ ହଜାର ୮୯୧ ଟଙ୍କା ଜରିମାନା କରାଯାଇଥିଲା । ଓଡ଼ିଶା ସରକାରଙ୍କ ପକ୍ଷରୁ ଉକ୍ତ ଖଣିଗୁଡ଼ିକର ଲିଜ୍ ବ୍ୟାଜାପ୍ତି ପାଇଁ ଗତ ଜୁଲାଇଠାରୁ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା ।

# ଉପରମୁହାଁ ପାରଦ: ଫୁଲବାଣୀରେ ୯ ଡିଗ୍ରୀ

ଭୁବନେଶ୍ୱର,୧।୧୨(ବ୍ୟୁରୋ)-ଗତ କିଛି ଦିନ ଧରି ରାଜ୍ୟରେ ଶୀତର ପ୍ରକୋପ ସାମାନ୍ୟ ବୃଦ୍ଧି ପାଇଥିଲା । ସର୍ବନିମ୍ନ ପାରଦ ୭ ଡିଗ୍ରୀ ପର୍ଯ୍ୟନ୍ତ ତଳକୁ ଖସି ଯାଇଥିଲା । ତେବେ ଶନିବାରଠାରୁ ପୁଣି ପାରଦ ଉପର ମୁହାଁ ହୋଇଛି । ୩ରୁ ୪ ଡିଗ୍ରୀ ସେଲସିୟସ ଯାଏ ଉପରକୁ ଉଠି ଯାଇଛି । ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡିଶାରେ ମଧ୍ୟ ସର୍ବନିମ୍ନ ତାପମାତ୍ରା ବୃଦ୍ଧି ପାଇଛି । ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୧୧, କୋରାପୁଟ ୧୨.୨, ଭବାନୀପାଟଣା ୧୩, ସୁନ୍ଦରଗଡ ୧୪, ଝାରସୁଗୁଡା ୧୫.୫ ଏବଂ କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଷଷ୍ଠସ୍ଥ ଚନ୍ଦ୍ରଙ୍କ ସମ୍ମୁଖ ଭାଗରେ ଶୁକ୍ର ଆପଣଙ୍କ ମାନସିକ ସୁସ୍ଥତାକୁ ପରିପୁଷ୍ଟ କରିବ । ସାମାନ୍ୟ ଅଣ୍ଡାଜନିତ ପୀଡ଼ା ଅନୁଭବ ସାଙ୍ଗକୁ ନୈରାଶ୍ୟ ଆପଣଙ୍କୁ ବ୍ୟସ୍ତ ଓ ବିବ୍ରତ କରାଇପାରେ । କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ । ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ ।

**ବୃଷ**
ଆଜିର ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ବନ୍ଧୁଙ୍କ ଆଭ୍ୟନ୍ତରୀଣ ସମସ୍ୟାର ସମାଧାନ ଦିଗରେ ମୁଣ୍ଡ ପୂରାଇ ପାରନ୍ତି । କଥାକୁ ଠିକ୍ ଭାବରେ ନ ବୁଝି କିମ୍ବା ମଉଜିଆ କଥାକୁ ନେଇ କଳହ ଲାଗିପାରେ । ଅଫିସରେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରି କାର୍ଯ୍ୟପ୍ରବାହକୁ ଅବରୁଦ୍ଧ କରିଦେଇପାରନ୍ତି । ଶିଳ୍ପ, ବାଣିଜ୍ୟ ଓ ପରିବହନ ଭଲରେ ଚାଲିବ ।

**ମିଥୁନ**
ଭାଗ୍ୟସ୍ଥାନରେ ଲାଭାଧିପତି ଆପଣଙ୍କ ଇଚ୍ଛାନୁକୂଳ କାର୍ଯ୍ୟ ଓ ପ୍ରାପ୍ୟ ପାଇଁ ମାର୍ଗ ସୁଗମ କରିପାରନ୍ତି । ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ ସାଙ୍ଗକୁ ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ କରାଇବ । ବିଭିନ୍ନ ଯୋଜନା, ସାଂଗଠନିକ କାର୍ଯ୍ୟରେ ଅନୁକୂଳ ବାତାବରଣ ସୃଷ୍ଟି ହେବ । ସାଧାରଣ କଥାକୁ ନେଇ ଅପରାହ୍ନରେ ପରିବାର ଭିତରେ ସମ୍ପର୍କ ହାନି ଘଟିପାରେ ।

**କର୍କଟ**
ରାହୁ ସହ ମଙ୍ଗଳଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ ବନ୍ଧୁଙ୍କ ସହ ବିବାଦ ଓ କିଛି ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ । ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ । ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ ଏବଂ ପରିଜନଙ୍କ ସହ କୌଣସି ଯାତ୍ରା ଓ ନୂତନ କର୍ମାରମ୍ଭ ଆଲୋଚନା ଫଳପ୍ରଦ ହେବ ।

**ସିଂହ**
ଧନସ୍ଥାନରେ ଚନ୍ଦ୍ର ଆଶାଜନକ ଅର୍ଥ ପ୍ରଦାନର ସୁଯୋଗ ନ ଦେଲେ ମଧ୍ୟ ବନ୍ଧୁଙ୍କ ସୁନ୍ଦର ବ୍ୟବହାରରେ ଖୁସି ରହିବେ । ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ କରିବା ସହ ସଭାସମିତିରେ ସମ୍ମାନଜନକ ସ୍ଥିତି ହାସଲ କରିବେ । କୌଣସି କ୍ଷେତ୍ରରେ ଆଜି ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି ।

**କନ୍ୟା**
ଏକାଦଶସ୍ଥ ରାହୁ ପ୍ରଭାବରେ କୌଶଳ ପ୍ରୟୋଗକରି କାର୍ଯ୍ୟ ହାସଲ କରିବେ । ସନ୍ତାନଙ୍କ ସମସ୍ୟା ଆପଣଙ୍କୁ ବ୍ୟସ୍ତବିବ୍ରତ କରାଇବାର ଆଶଙ୍କା ରହିଛି । ଚନ୍ଦ୍ରଙ୍କ ପ୍ରତି ଶନି ଦୃଷ୍ଟିଜନିତ ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଶନିଙ୍କ ପ୍ରଭାବରୁ ସନ୍ଦେହ ଘେରରେ ରହିବେ । ଟଙ୍କା ପଇସା ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ ।

**ତୁଳା**
ଆକସ୍ମିକ ଦୂରସ୍ଥାନକୁ ଯାତ୍ରା କିମ୍ବା କର୍ମକ୍ଷେତ୍ରରେ ସ୍ଥାନାନ୍ତର ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି । ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା ଅଗ୍ରଗାମୀ କରାଇବାରେ ସାହାଯ୍ୟ କରିବ । ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ । କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଇ, କୌଣସି ଅଭାବ ନ ଥାଇ ମଧ୍ୟ ମନ ଭଲ ରହିବ ନାହିଁ ।

**ବିଛା**
ଅନୁରାଧା ନକ୍ଷତ୍ର ସକାଶେ ମାନସିକ ଉଦାସୀନତା ଅନ୍ୟମାନଙ୍କ ନିକଟରେ ସନ୍ଦେହାଚ୍ଛନ୍ନ କରି ରଖିପାରେ । କିନ୍ତୁ ଜ୍ୟେଷ୍ଠା ନକ୍ଷତ୍ର ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ । କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସଭା ସମିତିରେ ଉତ୍ସାହିତ ହୋଇପାରନ୍ତି । ଅପରାହ୍ନରେ ଟେନସନ୍ ବଢ଼ିପାରେ ।

**ଧନୁ**
ବହୁତ ଦିନରୁ ଚିନ୍ତା କରିଥିବା ଯୋଜନାକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି । ଅନ୍ୟମାନଙ୍କ ବିନା ସାହାଯ୍ୟରେ ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି । ପଡ଼ୋଶୀଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ଜୁଟିପାରେ । କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ବିରୋଧୀ ହେବେ ।

**ମକର**
ନିକଟସମ୍ପର୍କୀୟଙ୍କୁ ସାହାଯ୍ୟ ପ୍ରତିଶ୍ରୁତି ଦେଇ ଶ୍ରଦ୍ଧାଭାଜନ ହୋଇପାରନ୍ତି । ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ସ୍ଥଗିତ କାମଗୁଡ଼ିକ ପାଇଁ ଯୋଜନା ବନେଇ ପାରନ୍ତି । ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମପାଇଁ ଆଗଭର ହୋଇପାରନ୍ତି । ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ପ୍ରଭୃତିରୁ ବିଶେଷ ଲାଭ ପାଇବେ ।

**କୁମ୍ଭ**
ଦିନଟିରେ କେତେକ ସାଧାରଣ ଅସୁବିଧାକୁ ବାଦ୍ ଦେଲେ ବହୁତ ଭଲ କାମ କରିବେ । ଆଶା ଓ ଅଭିଳାଷ ପୂରଣ ହେବା ସାଙ୍ଗକୁ ଅର୍ଥ ପାଇ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବେ । ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳିବ । ପରିବାର ମଧ୍ୟରେ ଛୋଟ କଥାକୁ ଧରିବସିଲେ ଅଯଥା ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ ।

**ମୀନ**
କର୍ମକ୍ଷେତ୍ରରୁ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି । ବାକି ରହିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ମାତ୍ର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ । ବ୍ୟବସାୟରେ ଲାଭ ମିଳିବ ଏବଂ ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି । ଯାତ୍ରା ସଫଳ ହେବ ।

ଆଜି ମାର୍ଗଶିର କୃଷ୍ଣ ଦଶମୀ ଯୁକ୍ତ ଏକାଦଶୀ ରବିବାର, ଡିସେମ୍ବର ୨ ତାରିଖ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ବୃଷ ରାଶିର ଘାତଚନ୍ଦ୍ର, ଦିବା ଘ୭।୩ମି. ଗତେ, ଘ୮।୫୩ମି. ମଧ୍ୟେ ଅମୃତବେଳା । ଦିବା ଘ୮।୫୩ମି. ଗତେ ଘ୧୦।୧୪ମି. ମଧ୍ୟେ, ଘ୧୨।୫୭ମି. ଗତେ ଘ୨।୧୮ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୩।୪୧ମି. ଗତେ ଘ୫।୦୩ମି. ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ଘୋଷଣାକୁ...

କରନ୍ତୁ ବୋଲି ମତ ରଖିଛନ୍ତି । ହେଲେ କୌଣସି ଅଫିସରଙ୍କ ସହ ଆଲୋଚନା କରି ବିଜୟ ବିଜେଡି ଯିବେ ନାହିଁ ବୋଲି ତାଙ୍କର ଜଣେ ସମର୍ଥକ କହିଛନ୍ତି । ଭିତିରି ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ୨୦୦୪,୨୦୦୯ରେ ବିଜୟଙ୍କୁ ହରାଇବା ପାଇଁ ଯେଉଁ କେତେଜଣ ସରକାରୀ ଅଫିସର କାର୍ଯ୍ୟ କରିଥିଲେ, ସେମାନେ ଏବେ ବିଜୟଙ୍କୁ ବିଜେଡି ପାଛୋଟି ଆଣିବା ପାଇଁ ମସୁଧା ଚଳାଇଛନ୍ତି । ଏଥିରେ ଶକ୍ତି ବିଭାଗର ଜଣେ ଅଧିକାରୀ ପ୍ରମୁଖ ଭୂମିକା ନେଉଥିବା ରାଜଧାନୀରେ ଚର୍ଚ୍ଚା ହେଉଛି । ହେଲେ ଏହି ଯୋଜନାକୁ ଦଳର ନେତୃତ୍ୱ 'ଓକେ' କରୁଛନ୍ତି ନା ନାହିଁ, ତାହା ଉପରେ ରାଜନୈତିକ ମହଲର ନଜର ରହିବ । ଦୁଇଦିନ ତଳେ ଏହି ବାସ୍ତବତାଠାରୁ ଦୃଷ୍ଟି ହଟାଇବା ପାଇଁ ସୋସିଆଲ ମିଡିଆର ସାହାଯ୍ୟ ଲୋଡାଯାଇଥିଲା । ସଚିବାଳୟରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ସ୍ଥାନରେ ଏକ ସଙ୍ଗେ ଗୁଜବ ସୃଷ୍ଟି କରାଇ ଦିଆଗଲା ଯେ, ୩ ଜଣ ବିଜେଡି ଏମ୍‌ପି, (୨ ଜଣ ରାଜ୍ୟ ସଭା ଓ ଜଣେ ଲୋକ ସଭାର) ମିଳିତ ଭାବେ ବିଜୟ ମହାପାତ୍ରଙ୍କ ସାଙ୍ଗେ ତାଙ୍କ ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ଆଲୋଚନା କରିଥିଲେ । କିନ୍ତୁ ମିଳିଥିବା ଖବର ଅନୁଯାୟୀ ଏହା ସତ୍ୟ ନୁହେଁ । ହେଲେ କେନ୍ଦ୍ରାପଡା ଜିଲାରେ ଦଳର ସ୍ଥିତିକୁ ମଜଭୁତ କରିବା ପାଇଁ ବିଜୟଙ୍କୁ ଭଲ ରାଜନୈତିକ ଅସ୍ତ୍ର ବୋଲି ବିଜେଡିର କେତେକ ନେତା ବିଚାର କରୁଛନ୍ତି । ପୁଣି କେନ୍ଦ୍ରାପଡା ମୂଳ ନିବାସୀ ଦିଲୀପ ରାୟ ଉକ୍ତ ଜିଲାରୁ ପ୍ରତିନିଧିତ୍ୱ କରିବା ନେଇ ମଧ୍ୟ ଆଲୋଚନା ହେଉଛି । ୨୦୧୯ରେ ସେ ଆଉ ରାଉରକେଲାରୁ ଲଢିବେ ନାହିଁ ବୋଲି ଘୋଷଣା କରିଛନ୍ତି, ଯାହା ଏହି ଆଲୋଚନାକୁ ଆହୁରି ଖୋରାକ ଯୋଗାଇଛି । ପୂର୍ବରୁ ଏମ୍‌ପି ଓ କେନ୍ଦ୍ରମନ୍ତ୍ରୀ ହୋଇଥିବା ଦିଲୀପ ବିଜେଡିକୁ ଆସିଲେ ଲୋକ ସଭା କି ରାଜ୍ୟ ସଭା ଲଢିପାରନ୍ତି ବୋଲି ଆଲୋଚନା ହେଉଛି । ହେଲେ ନବେ ଦଶକରେ ସୁପର୍ ସିଏମ୍ ବୋଲାଉଥିବା ବିଜୟ ବିଧାନସଭା ଛାଡି ଲୋକ ସଭା ନିର୍ବାଚନ ଲଢିବେ ଏକଥା କେତେକ ସମୀକ୍ଷକ ସହଜରେ ବିଶ୍ୱାସ କରିପାରୁ ନାହାନ୍ତି । ତେଣୁ ୧୫ ଦିନ ପରେ ଉଭୟ ବିଜୟ ଓ ଦିଲୀପ କି ଘୋଷଣା କରୁଛନ୍ତି, ତାହା ଉପରେ ସମସ୍ତଙ୍କ ନଜର ରହିବ ।

## ବୁଶ୍‌ଙ୍କ...

ସେ ଆମେରିକାର ନେତୃତ୍ୱ ନେଇଥିଲେ ଏବଂ ଏହି ଯୁଦ୍ଧର ଅନ୍ତ ଘଟାଇବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ସେ ସର୍ବଶ୍ରେଷ୍ଠ ବାପା ଥିଲେ ବୋଲି ଜର୍ଜ ବୁଶ୍ ଜୁନିୟର କହିଛନ୍ତି । ଶୀତଳ ଯୁଦ୍ଧ ସମୟରେ ଏଚ.ଡବ୍ଲ୍ୟୁ. ବୁଶ୍‌ଙ୍କ ଅବିଚଳିତ ନେତୃତ୍ୱକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଉଚ୍ଚ ପ୍ରଶଂସା କରିଛନ୍ତି । ତାଙ୍କର ଅସାଧାରଣ ବ୍ୟକ୍ତିତ୍ୱ, ବିଚକ୍ଷଣ ବୁଦ୍ଧିମତ୍ତା ଏବଂ ଆସ୍ଥା ପ୍ରତି ଦୃଢ଼ ପ୍ରତିବଦ୍ଧତା ଆମେରିକାର ପରବର୍ତ୍ତୀ ପିଢ଼ିକୁ ଅନୁପ୍ରାଣୀତ କରିବ ବୋଲି ଟ୍ରମ୍ପ୍ କହିଛନ୍ତି । ବୁଶ୍ ଦୀର୍ଘଦିନ ହେବ ପାର୍କିନ୍‌ସନ ରୋଗରେ ପୀଡିତ ଥିଲେ । କିଛିବର୍ଷ ହେଲା ସେ ହ୍ୱିଲ୍ ଚେୟାର ବ୍ୟବହାର କରିଆସୁଥିଲେ । ଗତ ଏପ୍ରିଲ୍ ମାସରେ ସ୍ତ୍ରୀ ବାର୍ବରାଙ୍କ ପରଲୋକ ବେଳେ ସେ ମଧ୍ୟ ରକ୍ତ ସଂକ୍ରମଣରେ ଗୁରୁତର ହୋଇ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଶ୍‌ଙ୍କ ପରଲୋକରେ ଶୋକବ୍ୟକ୍ତ କରିଛନ୍ତି ।

## ଗହୀରକୁ...


ଅନୁଷ୍ଠାନ ସମ୍ମୁଖରେ ପ୍ରତିବାଦ କରୁଛନ୍ତି ବେଲଟିକିରି ଗ୍ରାମବାସୀ ।

ପ୍ରତିବାଦ କରିଥିଲେ । ଏପରି ସମ୍ବେଦନଶୀଳ ଘଟଣା ପ୍ରଘଟ ପରେ ସବୁଆଡୁ ନିନ୍ଦିତ ହୋଇଥିବା ପ୍ରଶାସନ ଅପାରଗତା ଘୋଡ଼ାଇବାକୁ ଖୋଳତାଡ଼ ଆରମ୍ଭ କରିଛି । ଶନିବାର ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଘଟଣାସ୍ଥଳରେ ଛାନଭିନ୍ କରିଛନ୍ତି । ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ଘଟଣାସ୍ଥଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି ।

ଅପରପକ୍ଷେ ଅଭିଯୁକ୍ତ ସୀମାଞ୍ଚଳଙ୍କ ସ୍ତ୍ରୀ ଅନୁଷ୍ଠାନର ମୁଖ୍ୟ ଡ. ଫୟାଜ ରେହମାନଙ୍କ ବିରୋଧରେ ଆଣିଛନ୍ତି ସଙ୍ଗିନ ଅଭିଯୋଗ । ସେ କହିଛନ୍ତି, ଅନୁଷ୍ଠାନ ପରିଦର୍ଶନ କରିବାକୁ ଆସୁଥିବାବେଳେ ଫୟାଜ୍ ନାବାଳିକାଙ୍କୁ କିସ୍ ଏବଂ ହଗ୍ କରିବାକୁ ବାଧ କରୁଥିଲେ । ଏହାକୁ ବିରୋଧ କରିବାରୁ ତାଙ୍କ ସ୍ୱାମୀଙ୍କୁ ଫସାଇ ଦିଆଯାଇଛି । ଏପରି ଅଭିଯୋଗକୁ ଅଧିକ ରୋଚକ କରିଛି ରୋଷେୟା ପୀତବାସ ଦିଗଲଙ୍କ ମତ । ପୀତବାସ କହିଛନ୍ତି, ଫୟାଜ ରେହମାନ ମାସେ ଦୁଇମାସରେ ଥରେ ଏଠାକୁ ଆସନ୍ତି । ତାଙ୍କୁ ଆଲିଙ୍ଗନ କରିବା, ଚୁମା ଦେବାକୁ ପ୍ରବର୍ତ୍ତାଯାଉଥିଲା । ସୀମାଞ୍ଚଳ ନାୟକଙ୍କ ବିଷୟରେ ଆସିଥିବା ଅଭିଯୋଗ ସମ୍ପର୍କରେ ସେ କିଛି ଜାଣି ନ ଥିବା କହିଛନ୍ତି । ଅନ୍ୟ କେତେଜଣ ଛାତ୍ରୀ ସୀମାଞ୍ଚଳଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି, ଯାହା ସମସ୍ତ ଘଟଣାକୁ ରହସ୍ୟାବୃତ କରିଛି ।

ଏ ନେଇ ଏସ୍‌ପି ସନ୍ତୋଷ କୁମାର ନାୟକ କୁହନ୍ତି, ପୋକ୍‌ସୋ ଆକ୍ଟରେ କୌଣସି ତଥ୍ୟ ଦେବାର ଅଧିକାର ପୋଲିସକୁ ଦିଆଯାଇନାହିଁ । ଜିଲାପାଳ କୁହନ୍ତି, ପିଲାଙ୍କ ସୁରକ୍ଷା ଏବଂ ପାଠପଢ଼ା ପ୍ରଥମ ଦାୟିତ୍ୱ । ସେମାନଙ୍କୁ ପୋଲିସ ସୁରକ୍ଷା ବଳୟରେ ରଖାଯାଇଛି । 'ଡ୍ରିମ୍ ସେଣ୍ଟର' ଶେଲ୍‌ଟର ଗୃହ ନୁହେଁ । ଅନୁଷ୍ଠାନ ପକ୍ଷରୁ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଅନୁମତି ଲାଗି ପ୍ରଶାସନ ନିକଟରେ ଆବେଦନ କରାଯାଇଥିଲା । ଏହାକୁ ଅଗ୍ରାହ୍ୟ କରି ଦିଆଯିବା ପରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଉକ୍ତ ମାମଲା ବିଚାରାଧୀନ ରହିଛି । ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଘଟଣାକୁ ନେଇ ବେଲଟିକିରି ଗ୍ରାମରେ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଛି । ଶିକ୍ଷାବିତ୍ ସୁଶାନ୍ତ ମିଶ୍ର, ବଳଭଦ୍ର ସାମଲ, ସତ୍ୟାନନ୍ଦ ମଲ୍ଲିକ ଏହାକୁ ଜଘନ୍ୟ ଘଟଣା ବୋଲି କହିବା ସହ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

**ପ୍ରଶାସନିକ ଅବହେଳାରୁ କେଳେଙ୍କାରୀ**

୨୦୧୫ରେ ଢେଙ୍କାନାଳ ସହର କାଲ୍‌ଟାକ୍ସରେ ରହିଥିଲା 'ଗୁଡ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' ଶିଶୁଗୃହ । ଏହି ସମୟରେ ମଧ୍ୟ ସଂସ୍ଥା ବିରୋଧରେ ଆସିଥିଲା ଅନେକ ଅଭିଯୋଗ । ରାଜ୍ୟ ସରକାରଙ୍କ ସୋସାଇଟି ଆକ୍ଟ, ଟ୍ରଷ୍ଟ ଆକ୍ଟ ଏବଂ କମ୍ପାନୀ ଆକ୍ଟରେ ପଞ୍ଜୀକୃତ ହୋଇ ନ ଥିଲା ଅନୁଷ୍ଠାନ । ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟକୁ ଅଣଦେଖା କରି ଏହା ଚାଲିଥିଲା । ଏସବୁ ଜଣାପଡ଼ିବା ପରେ ତତ୍କାଳୀନ ଜିଲାପାଳ ରୂପାରୋଶନ ସାହୁ ଏହାକୁ ବନ୍ଦ କରିବାକୁ ୨୦୧୫ ଏପ୍ରିଲ ୨୭, ଚିଠି ନଂ. ୧୩୪/ଡିସିପିଓ/ଡିକେଏଲ୍‌ରେ ନିର୍ଦ୍ଦେଶ ଦେଇଥିଲେ । ଏହାର ନକଲ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶକଙ୍କୁ ମଧ୍ୟ ପ୍ରଦାନ କରାଯାଇଥିଲା । ୩୦ଦିନ ମଧ୍ୟରେ ବନ୍ଦ କରା ନ ଗଲେ ଅନୁଷ୍ଠାନକୁ ବେଆଇନ ଦର୍ଶାଇବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶେଲ୍‌ଟର ହୋମ୍ ସମ୍ପାଦକଙ୍କୁ ତାଗିଦ୍ କରାଯାଇଥିଲା ।

ହେଲେ ପରବର୍ତ୍ତୀ ସମୟରେ ଏଥିପ୍ରତି ଆଖି ବୁଜିଦେଇଥିଲା ପ୍ରଶାସନ । ସଂସ୍ଥା କିପରି ଚାଲିଛି, ଅନ୍ତେବାସୀ କେମିତି ରହୁଛନ୍ତି ସେସବୁ ପ୍ରତି ବିଭାଗୀୟ ଅଧିକାରୀ ନଜର ଦେଇ ନ ଥିଲେ । ଫଳରେ ଅନ୍ତେବାସୀଙ୍କୁ ପୁଣିଥରେ ନିର୍ଯାତନା ଭୋଗିବାକୁ ପଡ଼ିଥିବା ବୁଦ୍ଧିଜୀବୀମାନେ କହିଛନ୍ତି ।

**ଅନୁଷ୍ଠାନରେ ଲାଗିଛି ବିଦେଶୀ ଟଙ୍କା**

ବିବାଦରେ ଛନ୍ଦି ହୋଇପଡ଼ିଥିବା 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' ଶେଲ୍‌ଟର ହୋମ୍ ସମ୍ପର୍କରେ ଯେତେ ଖୋଳତାଡ଼ ହେଉଛି, ସେତିକି ନୂଆନୂଆ ତଥ୍ୟ ପଦାକୁ ଆସୁଛି । ଜିଲା ଶିଶୁ ସୁରକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି କହିଛନ୍ତି, ଅନୁଷ୍ଠାନକୁ ବିଦେଶରୁ ବିପୁଳ ପାଣ୍ଠି ଆସୁଛି । ଏହାକୁ ବିଭିନ୍ନ ଶାଖାରେ ବିନିଯୋଗ କରାଯାଉଛି । ଠିକ୍‌ଭାବେ ଖୋଳତାଡ଼ କରାଗଲେ ଏହା ସହିତ ଜଡ଼ିତ ଅନେକ ତଥ୍ୟ ପଦାକୁ ଆସିବ ବୋଲି ସେ ସୂଚନା ଦେଇଛନ୍ତି । ଅନ୍ୟପଟେ କେତେଜଣ କର୍ମଚାରୀ କହିଛନ୍ତି, ଶିଶୁଗୃହକୁ ଅନୁଷ୍ଠାନର ମୁଖ୍ୟ ଡା. ଫୟାଜ ରେହମାନଙ୍କ ସହ କେତେଜଣ ବିଦେଶୀ ମଧ୍ୟ ଆସୁଥିଲେ । ସେମାନେ ମଧ୍ୟ ଯୌନଶୋଷଣରେ ସମ୍ପୃକ୍ତି ଅଛନ୍ତି । ଶିଶୁ ସୁରକ୍ଷା ବିଭାଗ ଏବଂ ଅନୁଷ୍ଠାନର କର୍ମଚାରୀଙ୍କ ପକ୍ଷରୁ ଦିଆଯାଇଥିବା ଏପରି ତଥ୍ୟ ପରେ ଶେଲ୍‌ଟର ହୋମ୍‌ର ଚେର ପାତାଳ ଯାଏ ଲମ୍ବିଥିବା ସ୍ପଷ୍ଟ ହୋଇଛି ।

# ମହାପ୍ରୟାଣ ଗାଡ଼ି ଭଙ୍ଗାରୁଜା, ଡାକ୍ତରଙ୍କୁ ଗାଳି:୪ ଅଟକ


ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପୋଲିସ ବୁଝାଶୁଝା କରୁଛି ।

**ଭଦ୍ରକ ଅଫିସ, ୧।୧୨**

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ସବୁବେଳେ ବିବାଦ ଓ ଚର୍ଚ୍ଚାରେ ରହିଆସିଛି । ଶନିବାର ଅପରାହ୍ନରେ ୨ଟି ମୃତଦେହର ବ୍ୟବଚ୍ଛେଦ ହୋଇଥିଲା । ମହାପ୍ରୟାଣ ଗାଡ଼ିରେ କେଉଁ ମୃତଦେହକୁ ଆଗ ନିଆଯିବ ଏନେଇ ବିବାଦ ସୃଷ୍ଟି ହୋଇଥିଲା । ଏହାକୁ କେନ୍ଦ୍ରକରି ଗଣ୍ଡଗୋଳ ହେବାରୁ ଉତ୍ତ୍ୟକ୍ତ ଲୋକେ ମହାପ୍ରୟାଣ ଗାଡ଼ିର କାଚ ଭାଙ୍ଗିଦେଇଥିଲେ । ସେମାନେ ଆଉଟଡୋରରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ଠେଲାପେଲା କରି ଗାଳିଗୁଲଜ କରିଥିଲେ । ଅଭିଯୋଗ ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା । ଏନେଇ ପୋଲିସ ୪ ଜଣଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଳାଇଛି ।

ଡାକ୍ତରଖାନା ସୂଚନା ଅନୁସାରେ, ବ୍ୟବଚ୍ଛେଦ ପରେ ଏକ ମୃତଦେହକୁ ତିହିଡି ଅଞ୍ଚଳକୁ ମହାପ୍ରୟାଣ ଗାଡ଼ିରେ ନେବା ସକାଶେ ପ୍ରଥମେ ରସିଦ୍ କଟାଯାଇଥିଲା । ପରବର୍ତ୍ତୀ ମୁହୂର୍ତ୍ତରେ ନିକଟସ୍ଥ କାଉପୁର ଶିରାପୁର ଗାଁର ଅନ୍ୟ ଏକ ମୃତଦେହ ବ୍ୟବଚ୍ଛେଦ ହୋଇ ଆସିଥିଲା । ମହାପ୍ରୟାଣ ଗାଡ଼ିରେ ଏହି ମୃତଦେହକୁ ଆଗୁଆ ନେବା ଲାଗି ସମ୍ପର୍କୀୟମାନେ ଉଦ୍ୟମ କରି ଗାଡ଼ି ଡ୍ରାଇଭରଙ୍କ ସହ ଯୁକ୍ତିତର୍କ କରିଥିଲେ । ଆଉଟଡୋରରେ କାର୍ଯ୍ୟରତ ଥିବା ଡାକ୍ତର ଦୀପକ କୁମାର ଜେନା ସେମାନଙ୍କୁ ବୁଝାଶୁଝା ଉଦ୍ୟମ କରିବାବେଳେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଠେଲାପେଲା କରି ଗାଳିଗୁଲଜ କରିଥିଲେ । ଚିକିତ୍ସାଳୟ ପରିସରରେ ହୋହଲ୍ଲା କରି ଡାକ୍ତରଙ୍କୁ ଗାଳିଗୁଲଜ କରିଥିବା ୪ ଜଣଙ୍କୁ ପୋଲିସ ଥାନାକୁ ଧରିନେଇ ପଚରାଉଚରା କରୁଛି । ରିପୋର୍ଟ ଲେଖା ସୁଦ୍ଧା ଏନେଇ କୌଣସି ମାମଲା ରୁଜୁ ହୋଇ ନାହିଁ ।

## ବଙ୍ଗୀୟ...

ଠିକ୍ ନ ଥିବା ଏବଂ ବିଭିନ୍ନ ସମୟରେ ସେ ଘର ଛାଡି ଅନ୍ୟତ୍ର ପଳାଇ ଯାଉଥିବା ତାଙ୍କ ପରିବାର ଲୋକେ ପୋଲିସକୁ ଜଣାଇଥିବା ସ୍ଥାନୀୟ ଥାନା ସୂତ୍ରରୁ ଜଣାପଡିଛି ।

ଶନିବାର ସକାଳେ ୧୩ ବର୍ଷୀୟା ଏହି ନାବାଳିକା ଭୋଗରାଇ ରସଲପୁର ଛକଠାରେ ଏକୁଟିଆ ଯାଉଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକେ ସନ୍ଦେହ କରି ପଚରାଉଚୁରା କରିବାରୁ ସେ ଦୌଡ଼ିବା ଆରମ୍ଭ କରିଥିଲେ । ପରେ କୁମ୍ଭୀରଗଡ଼ି ସରପଞ୍ଚ ରତନ ବାଗ ଓ ଅନ୍ୟମାନେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ନାବାଳିକା ଜଣକ ସେଠାରେ ଗଣବଳାତ୍କାର ଘଟଣା କହିଥିଲେ । ପ୍ରଥମେ ୪/୫ ଜଣ ଯୁବକ ତାଙ୍କୁ ଦୀଘାର ଏକ ହୋଟେଲରେ ରଖି ସେଠାରୁ ଭୋଗରାଇ ରସଲପୁରକୁ ଆଣିଥିଲେ । ଶୁକ୍ରବାର ରାତିରେ ଏକ ଘରେ ତାଙ୍କୁ ନିଶା ବଟିକା ଖୁଆଇ ମୋବାଇଲ୍‌ରେ ଅଶ୍ଳୀଳ ଛବି ଦେଖାଇ ଗଣବଳାତ୍କାର କରିଥିଲେ । ନାବାଳିକାଙ୍କ ଏଭଳି ବୟାନ ଶୁଣିବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଥାନା ଜିମାରେ ଛାଡିଥିଲେ । ଥାନାରେ ନାବାଳିକାଙ୍କୁ ଜେରା ବେଳେ ସେ ଭିନ୍ନ ଭିନ୍ନ କଥା କହିବାରୁ ଏଥିରେ ସନ୍ଦେହ କରି ଏକ ପୋଲିସ ଟିମ୍‌କୁ ସଙ୍ଗେ ସଙ୍ଗେ ତାଙ୍କ ଘରକୁ ପଠାଯାଇଥିଲା । ଭୋଗରାଇ ଥାନା ଆଇଆଇସି ନରେନ୍ଦ୍ର କୁମାର ଦାସଙ୍କ ନେତୃତ୍ୱରେ ଯାଇଥିବା ଏହି ଟିମ୍ ନାବାଳିକାଙ୍କ ମା'ବାପାଙ୍କୁ ଭେଟି ପଚରାଉଚରା କରି ଅଧିକ ତଦନ୍ତ ଜାରି ରଖିଛନ୍ତି । ପୀଡିତା ନାବାଳିକା ୬ଷ୍ଠ ଶ୍ରେଣୀରେ ପଢୁଥିଲେ । ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ସେ ଘରୁ ପଳାଇ ଆସିଥିବା କହିଥିଲେ । ଖବର ଲେଖା ହେବା ବେଳକୁ ନାବାଳିକାଙ୍କ ବାପା ଭୋଗରାଇ ଥାନାରେ ପହଞ୍ଚିଥିବା ଜଣାପଡିଛି । ତେବେ ନାବାଳିକା ଜଣକ ଦୀଘାର କେଉଁ ହୋଟେଲରେ ଥିଲେ ଏବଂ ସେଠାରୁ ତାଙ୍କୁ କିଏ ଭୋଗରାଇ ଆଣିଲା ଏଭଳି ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିବା କହିଛି ।

## 'ଧରିତ୍ରୀ'...

ଶାଖାରେ ହେଉଥିବା ଅବ୍ୟବସ୍ଥା ସମ୍ପର୍କରେ ଖବର ପ୍ରକାଶନ ପରେ ଏହାକୁ ଚାପି ଦେବାକୁ ଯଥାସାଧ୍ୟ ଉଦ୍ୟମ କରିଥିଲେ ଅନୁଷ୍ଠାନ କର୍ତ୍ତୃପକ୍ଷ । ଅନ୍ୟ ଶାଖାଗୁଡ଼ିକୁ ତୁରନ୍ତ ଏ ନେଇ ସତର୍କ କରାଇ ଦିଆଯାଇଥିଲା । ଏପରି କି ଅନୁଷ୍ଠାନର କାର୍ଯ୍ୟାବଳୀ ସମ୍ପର୍କରେ କୌଣସି ତଥ୍ୟ ପ୍ରଘଟ ନ କରିବାକୁ ତାଗିଦ୍ ମଧ୍ୟ କରାଯାଇଥିଲା ।

ଏ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବାକୁ ପ୍ରମୋଦ ରାଉଳ ନାମକ ଜଣେ ଅଧିକାରୀ ଇମେଲ୍ ଯୋଗେ ସେପ୍ଟେମ୍ବର ୨୪ରେ ଅନୁଷ୍ଠାନଗୁଡିକୁ ଜଣାଇଥିଲେ । ଏହି ଚିଠି ବେଲଟିକିରି ସେଣ୍ଟରର କେୟାରଟେକର ସୀମାଞ୍ଚଳ ନାୟକଙ୍କ ପାଖକୁ ମଧ୍ୟ ଆସିଥିଲା, ଯେଉଁଥିରେ ସ୍ପଷ୍ଟ ଉଲ୍ଲେଖ ରହିଛି, 'ଧରିତ୍ରୀ' ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି । ସାବଧାନ ରୁହ । କେବଳ ଏତିକି ନୁହେଁ, ଅନୁଷ୍ଠାନ ମୁଖ୍ୟଙ୍କ ପରିଦର୍ଶନବେଳେ ପିଲାମାନେ କିସ୍, ହଗ୍ କରୁଥିବା ସମ୍ପର୍କରେ କାହାରିକୁ ନ କହିବାକୁ ମଧ୍ୟ ଏଥିରେ ପରାମର୍ଶ ମଧ୍ୟ ଦିଆଯାଇଛି । ଏଥିସହ ଫୟାଜଙ୍କୁ ପିଲାମାନେ 'ଡାଡି' ଡାକୁଛନ୍ତି ବୋଲି କହିବା ପାଇଁ ଏଥିରେ ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲା । ଏହି ଚିଠି ପଦାକୁ ଆସିବା ପରେ ପୁଣିଥରେ ପର୍ଦ୍ଦାଫାଶ ହୋଇଛି ଅନୁଷ୍ଠାନର କଳାକାରନାମା ।

## ସଂକ୍ଷେପରେ

### ସୂର୍ଯ୍ୟକାନ୍ତ କ୍ଷତ୍ରିୟ ମହାସଂଘ ଉପସଭାପତି



କାମାକ୍ଷାନଗର, ୧।୧୨(ଡି.ଏନ୍.ଏ.)- କାମାକ୍ଷାନଗର ବ୍ଲକ କାନପୁରା ଗ୍ରାମର ସୂର୍ଯ୍ୟକାନ୍ତ ବିଶ୍ୱାଳ ନିଖିଳ ଓଡ଼ିଶା କ୍ଷତ୍ରିୟ ମହାସଂଘର ଉପସଭାପତି ଭାବେ ଶୁକ୍ରବାର ମନୋନୀତ ହୋଇଛନ୍ତି। ଜିଲା ସଭାପତିଙ୍କ ସୁପାରିଶକ୍ରମେ ରାଜ୍ୟ ସଭାପତି ତାଙ୍କୁ ଏହି ପଦବୀ ଲାଗି ମନୋନୀତ କରିଛନ୍ତି। ଜଣେ ସଙ୍ଗଠକ ଏବଂ ସାମାଜିକ କର୍ମୀ ଭାବେ ସୂର୍ଯ୍ୟକାନ୍ତ ଅଞ୍ଚଳରେ ବେଶ୍ ପରିଚିତ। ସେ ପୂର୍ବରୁ କାମାକ୍ଷାନଗର ଓକିଲ ସଂଘ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। କାନପୁରା ଗ୍ରାମସଭା ସଭାପତି, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଭାବେ ଦାୟିତ୍ୱ ତୁଲାଇବାସହ ବିଭିନ୍ନ ସଙ୍ଗଠନ ସହ ତାଙ୍କ ସମ୍ପୃକ୍ତି ରହିଛି। ଅଞ୍ଚଳର କ୍ଷତ୍ରିୟ ଏକତା ଓ ସଙ୍ଗଠନ ସୁଦୃଢ଼ କରାଇବା ଦିଗରେ କାର୍ଯ୍ୟ କରିବେ ବୋଲି ସୂର୍ଯ୍ୟକାନ୍ତ ନିଜ ପ୍ରତିକ୍ରିୟାରେ କହିଛନ୍ତି।

### ଶିକ୍ଷକ ମହାସଂଘ ବୈଠକ

ଢେଙ୍କାନାଳ ଅଫିସ,୧।୧୨

ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଶନିବାର ଜିଲା ଶିକ୍ଷକ ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଯମେଶ୍ୱର ପୃଷ୍ଟି ଏଥିରେ ଅଧକ୍ଷତା କରିଥିଲେ। ପ୍ରାରମ୍ଭରେ ଡ. ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ବ୍ଲକଗ୍ରାଣ୍ଟ ସମ୍ପର୍କରେ ସରକାରଙ୍କ ଉଦାସୀନତାକୁ ନେଇ କ୍ଷୋଭବ୍ୟକ୍ତ କରିଥିଲେ କର୍ମକର୍ତ୍ତା। ଏଥିସହ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ହେଉଥିବା ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ହକ୍ ଦାବି ହାସଲ କରିବାକୁ ସମସ୍ତ ଶିକ୍ଷକ ସଙ୍ଗଠନକୁ ଏକଜୁଟ୍ କରି ମହାସଂଘକୁ ମଜଭୁତ୍ କରିବାକୁ ବୈଠକରେ ସ୍ଥିର କରାଯାଇଛି। ସାଧାରଣ ସମ୍ପାଦକ ଶ୍ରୀପତି ସେନାପତି, ଅଭୟ ପଟ୍ଟନାୟକ, ଶଙ୍କର୍ଷଣ ଶତପଥୀ, ଅନ୍ତର୍ଯ୍ୟାମୀ ଦୋରା, ଶଶାଙ୍କ ଶେଖର ଦାସ, ମଙ୍ଗୁଳି ସାହୁ, ନିତ୍ୟାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଜେଲ୍ ଅନ୍ତେବାସୀଙ୍କ ଏଚ୍‌ଆଇଭି ପରୀକ୍ଷା

ଢେଙ୍କାନାଳ ଅଫିସ, ୧।୧୨- ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଢେଙ୍କାନାଳ ଜିଲା କାରାଗାର ପରିସରରେ ଶନିବାର ଆଇନସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାରାଗାର ଅନ୍ତେବାସୀଙ୍କୁ ଏଡ୍‌ସ ରୋଗର ଭୟାବହତା ଉପରେ ସଚେତନ କରାଯିବା ସହ ଏଚ୍‌ଆଇଭି ପରୀକ୍ଷା କରାଯାଇଥିଲା। ପ୍ରାଧିକରଣ ସଚିବ ଅରୁଣ ପଟ୍ଟନାୟକ, ବରିଷ୍ଠ ଦେୱାନି ବିଚାରପତି ଗୀତାଞ୍ଜଳି ନନ୍ଦ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତୀ ଶିବାନୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରେଖାରାଣୀ ନାୟକ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବିବେକ ସାସ୍ମଲ, ସୋନାଲୀ ଅପରାଜିତା ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

କାମାକ୍ଷାନଗର, ୧।୧୨(ଡି.ଏନ.ଏ.)

କାମାକ୍ଷାନଗର ବ୍ଲକ ଖୁଣ୍ଟବାଟିସ୍ଥିତ ବୀଣାପାଣି କ୍ଲବ ଏବଂ ନେହେରୁ ଯୁବକେନ୍ଦ୍ର ସହାୟତାରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨ଟି କ୍ଲବ ଯୋଗଦେଇଥିଲେ। ଦୌଡ଼, ଉଚ୍ଚଡ଼ିଆଁ, ଲମ୍ବଡ଼ିଆଁ ଆଦି ୧୨ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦୁଃଖବନ୍ଧୁ ବିଶ୍ୱାଳ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରିଥିଲେ। କ୍ଲବର ପୂର୍ବତନ ସଭାପତି ଅବନୀକାନ୍ତ ସାହୁ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଅରକ୍ଷିତ ପାଣି, କ୍ଲବ ସଭାପତି ବିକାଶ ନାୟକ, ସଭ୍ୟ ଲିପୁ ସାହୁ, ଲିବୁନ୍ ସାହୁ, ବିକ୍ରମ ସାହୁ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




■ବିଶ୍ୱ ଏଡ୍‌ସ ଦିବସରେ ଆହ୍ୱାନ

# 'ସଚେତନ ହୁଅ, ସଚେତନ କରାଅ'

ଢେଙ୍କାନାଳ ଅଫିସ, ୧।୧୨

ଏଡ୍‌ସ ଏବେ ମହାମାରୀ ରୂପ ନେଲାଣି। ସରକାରୀସ୍ତରରେ ବ୍ୟାପକ ସଚେତନତା ସତ୍ତ୍ୱେ ରୋଗୀ ସଂଖ୍ୟା କମୁନାହିଁ। ବିଶେଷ କରି ଯୁବବର୍ଗ ଅଧିକମାତ୍ରାରେ ଏଡ୍‌ସ ଜାଲରେ ଛନ୍ଦି ହେଉଛନ୍ତି। ନିଜେ ସଚେତନ ରହିବା ସହ ଅନ୍ୟମାନଙ୍କୁ ସଚେତନ କରାଯାଇପାରିଲେ ଏପରି ଦୂରାରୋଗ୍ୟର ମୂଳୋତ୍ପାଟନ ସମ୍ଭବ ବୋଲି କହିଛନ୍ତି ଢେଙ୍କାନାଳ ସ୍ୱୟଂଶାସିତ କଲେଜ ଅଧ୍ୟକ୍ଷା ଡ. ରଶ୍ମି ମିଶ୍ର। ବିଶ୍ୱ ଏଡ୍‌ସ ଦିବସ ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ଶୋଭାଯାତ୍ରାକୁ ଉଦ୍‌ଘାଟନ କରି ସେ ଏପରି ବକ୍ତବ୍ୟ ରଖିଥିଲେ। ପ୍ରାଧ୍ୟାପକ ଜୟଦେବ ପାଢ଼ୀ କହିଲେ, ଏଡ୍‌ସ ଆକ୍ରାନ୍ତଙ୍କୁ ଘୃଣା ନୁହେଁ, ସ୍ନେହ ଲୋଡ଼ା। ଏହାଦ୍ୱାରା ସେମାନେ ମାନସିକସ୍ତରରେ ଦୃଢ଼ ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏଡ୍‌ସ ସମ୍ପର୍କିତ କୁଇଜ ପ୍ରତିଯୋଗିତା କରାଯାଇଥିଲା। ଏଥିସହ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ 'ରେଡ୍ ରିବନ' ବଣ୍ଟାଯାଇଥିଲା। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଡ. ଦେବରାଜ ପରିଡ଼ା, ଯୁବ ରେଡ୍‌କ୍ରସ୍ ସଂଯୋଜକ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବରାଳ, ଡ. ଭୂପେଶ ଚନ୍ଦ୍ର ସାହୁ, ପ୍ରଣୟ ସାହୁ, ନିତ୍ୟରଞ୍ଜନ ତ୍ରିପାଠୀ, ଦାମୋଦର ଦାସ, ଆନନ୍ଦମୟୀ ସାହୁ, ସୁଚରିତା ରାଉତ ପ୍ରମୁଖ ସହଯୋଗ କରିଥିଲେ।




ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଏଡ୍‌ସ ଦିବସରେ ସଚେତନତା ଶୋଭାଯାତ୍ରା।

ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ନିଖିଳ ପଓ୍ୱନ କଲ୍ୟାଣ ଯୋଗଦେଇ କହିଲେ, ସତର୍କତା ହିଁ ଏଡ୍‌ସ କବଳରୁ ସୁରକ୍ଷା ଦେବ। ଅନ୍ୟମାନଙ୍କ ମଧ୍ୟରେ ସିଡିଏମ୍‌ଓ ଡା. ପ୍ରତାପ କୁମାର ବେହେରା, ଡା. ବିଦ୍ୟୁତ୍ ନନ୍ଦ, ଡା. ନଗଜାନନ୍ଦ ଦାସ, ସ୍ୱାସ୍ଥ୍ୟ ମିଶନ ପରିଚାଳକ ରୂପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ମିନି ଷ୍ଟାଡିୟମରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଯାଏ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

ସେହିପରି ଓଡ଼ାପଡ଼ା ବ୍ଲକ ସିମିନଇ ଆଞ୍ଚଳିକ ଡିଗ୍ରୀ କଲେଜ 'ରେଡ୍ ରିବନ କ୍ଲବ' ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳନ ଅବସରରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଅଧ୍ୟକ୍ଷ ଧରଣୀଧର ବାରିକଙ୍କ ସଭାପତିତ୍ୱରେ ଏଡ୍‌ସର ଭୟାବହତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ୟୁଥ୍ ରେଡ୍‌କ୍ରସ୍ କାଉନ୍‌ସିଲର ଅନିଲ ପଣ୍ଡା, ଅଧ୍ୟାପକ ସୁଜିତ ସାମଲ, ମୁଖ୍ୟ କିରାଣି ବିରଞ୍ଚି ନାରାୟଣ ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ।



ପ୍ରକଳ୍ପ ଶିଳାନ୍ୟାସ ଅବସରରେ ଏମ୍‌ପି, ବିଧାୟିକାଙ୍କ ସମେତ ଅନ୍ୟମାନେ।

■ବିଜେଡିର ଜନସମ୍ପର୍କ ପଦଯାତ୍ରା

## ପ୍ରକଳ୍ପ ଶିଳାନ୍ୟାସ କଲେ ଏମ୍‌ପି

ଓଡ଼ାପଡ଼ା,୧।୧୨(ଡି.ଏନ.ଏ.)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକର ହଳଦିଆବାହାଳ, ବୁଢ଼ାପଙ୍କ, ମାଳିବିଡ଼ୋ, ବିଡ଼ୋ, ମୋଟଙ୍ଗା, ମେରାମଣ୍ଡଳୀ ଆଦି ଗ୍ରାମରେ ଶନିବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ନେତୃତ୍ୱରେ ବିଧାୟିକା ସୀମାରାଣୀ ନାୟକ, ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ପ୍ରମୋଦ ମହାଭୋଇ, ପ୍ରକାଶ ମିଶ୍ର, ପ୍ରତାପ ରାଉତ, ଅଶୋକ ପାତ୍ର, ଚିତ୍ତ ନାଥ, ସୁଚିତ୍ରା ପାତ୍ର, ନଟବର ଗଡ଼ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ବହୁ ଜନପ୍ରତିନିଧି ଗ୍ରାମ ସଭାପତି ଏଥିରେ ସାମିଲ ହୋଇଥିଲେ।

ନେତୃବୃନ୍ଦ ଅଞ୍ଚଳବାସୀଙ୍କ ସମସ୍ୟା ପଚାରି ବୁଝିବା ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ବୁଢ଼ାପଙ୍କ ଗ୍ରାମରେ ୨୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଏମ୍‌ପି। ସରପଞ୍ଚ ଭଗବାନ ସାହୁ, ସମିତିସଭ୍ୟ ପ୍ରଶାନ୍ତ ଦାସ ଉପସ୍ଥିତ ଥିଲେ।

## ମଇଁଷି ଗୋଠରେ ଦନ୍ତା ଉତ୍ପାତ

ପରଜଙ୍ଗ, ୧।୧୨(ଡି.ଏନ୍.ଏ.)

ମହାବିରୋଡ ରେଞ୍ଜ ଅଧୀନ ଡିହଡୋଳ ଫରେଷ୍ଟ ସେକ୍ସନରେ ହାତୀପଲ ଉପଦ୍ରବରେ ଅତିଷ୍ଠ ହୋଇଗଲେଣି ଅଞ୍ଚଳବାସୀ। ସରାଙ୍ଗ ଗୋପାଳସାହିର ନରେଶ ଭୂତିଆଙ୍କ ମଇଁଷି ଗୋଠରେ ଶନିବାର ଭୋର୍‌ରେ ଏକ ଦନ୍ତାହାତୀ ପଶି ଦୌରାତ୍ମ୍ୟ ସୃଷ୍ଟି କରିଛି। ଏଥିରେ ଗୋଟିଏ ମଇଁଷିର ଶିଙ୍ଗ ଭାଙ୍ଗିଯାଇଛି। ବନ୍ଧା ଯାଇଥିବା ଅନ୍ୟ ମଇଁଷି ପଘା ଛିଣ୍ଡାଇ ପଳାଇଯାଇଥିବାରୁ ବଡ଼ଧରଣର କ୍ଷତି ହୋଇ ନ ଥିବା ନରେଶ କହିଛନ୍ତି।

ପରଜଙ୍ଗ ଅଞ୍ଚଳରେ ୪୦ରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ ପଲରେ ବିଭକ୍ତ ହୋଇ ଚାଷ ଜମି ଉଜାଡ଼ି ଚାଲିଛନ୍ତି। ବନ ବିଭାଗ କର୍ମଚାରୀ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ନୟାନ୍ତ ହୋଇଗଲେଣି। ଦିନତମାମ ହାତୀପଲ ପାଖ ଜଙ୍ଗଲରେ ରହୁଛନ୍ତି। ସନ୍ଧ୍ୟା ହେଲେ ଧାନଖେତରେ ପଶିବା ସହ ଗାଁ ମୁହାଁ ହୋଇ ଘରଦ୍ୱାର ଭାଙ୍ଗି ପକାଉଛନ୍ତି। ଏହାକୁ ନେଇ ଅଞ୍ଚଳବାସୀ ଭୟ ଆତଙ୍କରେ ଦିନ କାଟୁଛନ୍ତି।



ଦନ୍ତାହାତୀ ଆକ୍ରମଣରେ ଆହତ ମଇଁଷି।

ଏ ନେଇ ଫରେଷ୍ଟର ବିଶ୍ୱନାଥ ସୋରେନ କୁହନ୍ତି, ହାତୀଙ୍କ ଉପରେ ନଜର ରଖାଯାଇଛି। ସୂଚନା ମିଳିବା ମାତ୍ରକେ କର୍ମଚାରୀ ଯାଇ ହାତୀଙ୍କୁ ଘଉଡ଼ାଉଛନ୍ତି। ଯେତେ ଚେଷ୍ଟା କଲେ ମଧ୍ୟ ପାଚିଲା ଧାନଖେତ ଛାଡ଼ି ହାତୀ ଯାଉନାହାନ୍ତି।

### ସଡ଼କ ଦୁର୍ଘଟଣା:ମହିଳା ମୃତ, ୨ ଗୁରୁତର

ଖୁଣ୍ଟା, ୧।୧୨(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ଖୁଣ୍ଟା ବଜାର ଅନତି ଦୂରରେ ଥିବା ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତାରେ ଶନିବାର ପୂର୍ବାହ୍ନରେ ଦୁଇଟି ବାଇକ ମଧ୍ୟରେ ଧକ୍କା ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ଏଥିରେ ବେଳେ ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି। ଖପରାପାଳ ଗ୍ରାମର ସୂର୍ଯ୍ୟ ନାରାୟଣ ସିଂ ତାଙ୍କ ପତ୍ନୀ ରାଜେଶ୍ୱରୀ ବାଇକରେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ସହିତ ଧକ୍କା ହୋଇଥିଲା। ଫଳରେ ଉଭୟ ବାଇକ ଆରୋହୀ ଛିଟିକି ପଡ଼ିଥିଲେ। ୨ ଜଣଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ଖୁଣ୍ଟା ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇ ପରେ ସେମାନଙ୍କୁ ବାରିପଦା ମେଡିକାଲଙ୍କୁ ସ୍ଥାନାନ୍ତର କରାଯାଇଛି । ସେଠାରେ ଡାକ୍ତର ରାଜେଶ୍ୱରୀ (୪୬)ଙ୍କୁ ମୃତ ଘୋଷଣା କରିଛନ୍ତି। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଯାନ୍ତ୍ରିକ ଉପକରଣ ବ୍ୟବହାର ଜାଣିଲେ ମତ୍ସ୍ୟଚାଷୀ

ଢେଙ୍କାନାଳ ଅଫିସ, ୧।୧୨

ଢେଙ୍କାନାଳ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶନିବାର ମତ୍ସ୍ୟ ଉତ୍ପାଦନରେ ବ୍ୟବହୃତ ଯାନ୍ତ୍ରିକ ଉପକରଣ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସରୋଜ କୁମାର ସାମଲ ଯୋଗଦେଇ କହିଲେ, ମତ୍ସ୍ୟଚାଷୀମାନେ ମାଛଧରା କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଯାନ୍ତ୍ରିକ ଉପକରଣ ବିଷୟରେ ଜାଣିବା ଉଚିତ। ଏହାଦ୍ୱାରା ସେମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହୋଇପାରିବ। ମତ୍ସ୍ୟଚାଷୀଙ୍କ ଲାଗି ବହୁବିଧ ସରକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। ଏହାର ସୁଯୋଗ ନେବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ପ୍ରତି ବ୍ଲକ ସଦର ମହକୁମାରେ ଚିଲିକା ଫ୍ରେଶ୍ ଖୋଲିବା ଲାଗି ବିଧାୟକ ମତ୍ସ୍ୟଚାଷୀଙ୍କୁ ପରାମର୍ଶ ଦେଇଛନ୍ତି।



ମତ୍ସ୍ୟଚାଷୀଙ୍କୁ ବରଫ ବାକ୍ସ ପ୍ରଦାନ କରାଯାଉଛି।

ପୂର୍ବତନ ସହକାରୀ ମତ୍ସ୍ୟ ଅଧିକାରୀ ମୃତ୍ୟୁଞ୍ଜୟ ଜେନା ଶିବିରର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିବାବେଳେ ଜିଲା ମତ୍ସ୍ୟ ଅଧିକାରୀ ଦୀପ୍ତି କୁମାର ମହାପାତ୍ର ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ବ୍ଲକର ଉପସ୍ଥିତ ମତ୍ସ୍ୟଜୀବୀଙ୍କୁ ୭ମୋପେଡ, ବରଫ ବାକ୍ସ, ୩ଟି ଅଟୋରିକ୍ସା ପ୍ରଦାନ କରାଯାଇଥିଲା।

## ଚାଷୀଙ୍କୁ ପୋକ ଦମନ ପ୍ରଶିକ୍ଷଣ



ଶିବିରରେ ଉପସ୍ଥିତ ଅଗ୍ରଣୀ ଚାଷୀଙ୍କ ସମେତ ଅନ୍ୟମାନେ।

ଭୁବନ, ୧।୧୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ଭୁବନ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଶନିବାର ଫସଲରେ ରୋଗପୋକ ସର୍ବେକ୍ଷଣ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କୃଷି ଅଧିକାରୀ ଦେବୀପ୍ରସାଦ ସାହୁ ଏବଂ ସରକାରୀ କୃଷି ଅଧିକାରୀ କ୍ଷୀରୋଦିନୀ ଦେଇ ପ୍ରମୁଖ ଉପସ୍ଥିତ ଥିଲେ।

ଜମିରେ ପୋକ ବ୍ୟାପିଲେ ଚାଷୀ ତୁରନ୍ତ କୃଷି ବିଭାଗ ସହ ପରାମର୍ଶ କରିବା ଜରୁରୀ। ଉଚିତ ମାତ୍ରାରେ କୀଟନାଶକ ପ୍ରୟୋଗ କଲେ ଅତି ସହଜରେ ପୋକ ଦମନ କରାଯାଇପାରିବ। ପୋକ ଆକ୍ରାନ୍ତ ହେଲେ ଧାନ, ମୁଗ, ବିରି, ଚିନାବାଦାମ ଆଦି ଫସଲ ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଥାଏ। ଏଥିରୁ ବର୍ତ୍ତିବା ଲାଗି ଚାଷୀ ପ୍ରାଥମିକ ସତର୍କତା ଅବଲମ୍ବନ କରିବା ଉଚିତ। ବିହନ ବିଶୋଧନ, ମୃତ୍ତିକା ପରୀକ୍ଷା, ଅଧିକ ରୋଗ ପ୍ରତିରୋଧକ ଶକ୍ତିଥିବା ବିହନ ଚୟନ କରିବା ଦ୍ୱାରା ଏପରି ସମସ୍ୟାକୁ ଅନେକାଂଶରେ ଏଡ଼ାଇ ଦିଆଯାଇପାରିବ। ଚାଷୀମାନେ ଜଳବାୟୁ ଅନୁଯାୟୀ ଫସଲ କରିବା ଉଚିତ। ଅଗ୍ରଣୀ ଚାଷୀମାନଙ୍କଠାରୁ ପରାମର୍ଶ ନେଇ ଚାଷ କଲେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଲାଭବାନ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଅଧିକ ଅମଳକ୍ଷମ ରୋଗ ସହଣି ବିହନ ସମ୍ପର୍କରେ ଚାଷୀଙ୍କୁ ପରାମର୍ଶ ଦିଆଯାଇଥିଲା।

ଶିବିରରେ ବ୍ଲକ ଏବଂ ଏନ୍‌ଏସି ଅଞ୍ଚଳର ୫୦ଜଣ ଅଗ୍ରଣୀ ଚାଷୀ ଉପସ୍ଥିତ ଥିଲେ। ସହକାରୀ କୃଷି ଅଧିକାରୀ ମଧୁସ୍ମିତା ଶତପଥୀ, ଦିଲୀପ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃଷି ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

■ଶେଲ୍‌ଟର ହୋମ୍ ଯୌନ ନିର୍ଯାତନା ମାମଲା

### ରାଜ୍ୟ ସରକାରଙ୍କୁ ଦାୟୀ କଲେ ବିରୋଧୀ

ଢେଙ୍କାନାଳ ଅଫିସ, ୧।୧୨

ଢେଙ୍କାନାଳ ସଦର ବ୍ଲକ ବେଲଟିକିରିସ୍ଥିତ 'ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଡ୍ରିମ୍ ସେଣ୍ଟର' ଶେଲ୍‌ଟର ହୋମ୍‌ରେ ନାବାଳିକା ଯୌନ ନିର୍ଯାତନା ଅଭିଯୋଗ ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି ବିରୋଧୀ। ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟରେ ପଞ୍ଜୀକୃତ ହୋଇ ନ ଥିବା ସଂସ୍ଥା କିଭଳି ଦୀର୍ଘବର୍ଷ ଧରି ଚାଲିଥିଲା ବୋଲି ପ୍ରଶ୍ନ ଉଠାଇଛି ଭାଜପା। ରାଜ୍ୟ ସରକାରଙ୍କ ଜାଣତରେ ଶିଶୁଙ୍କୁ ନିର୍ଯାତନା ଦିଆଯାଉଥିଲା। ଏଥିଲାଗି ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ବୋଲି ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ର ନାରାୟଣ ପାଣି, ଜିଲା ସଭାପତି ବିଭୂତି ଭୂଷଣ ପ୍ରଧାନ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି। ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜନଆନ୍ଦୋଳନ କରାଯିବ ବୋଲି ଦଳୀୟ ନେତୃବୃନ୍ଦ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ରବିବାର ଏକ ପ୍ରତିନିଧି ଦଳ ଘଟଣାସ୍ଥଳ ପରିଦର୍ଶନ କରିବେ ବୋଲି ଜିଲା ମିଡିଆସେଲ ପ୍ରଭାରୀ ନବକିଶୋର ଗୁରୁ ସୂଚନା ଦେଇଛନ୍ତି। ସେହିପରି ଜିଲା କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ସରୋଜ ପଟ୍ଟନାୟକ, ପ୍ରକାଶ କୁଅଁର ପ୍ରମୁଖ ଅନୁଷ୍ଠାନରେ ପହଞ୍ଚି ଖୋଳତାଡ଼ କରିଥିଲେ। ତୁରନ୍ତ ଦୋଷୀଙ୍କୁ ଗିରଫ କରିବା ସହ ଅନ୍ତେବାସୀଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି।

■ବିଶ୍ୱ ଏଡ୍‌ସ ଦିବସରେ ଏକାଠି ହେଲେ ପିଲାଏ

## ନଗର ବୁଲିଲେ, ସତର୍କ କରାଇଲେ




ଶୋଭାଯାତ୍ରାରେ ସାମିଲ ହୋଇଥିବା ଭୁବନ ମହିଳା କଲେଜର ଛାତ୍ରୀଙ୍କ ସମେତ ଅନ୍ୟମାନେ।

ଭୁବନ/କାମାକ୍ଷାନଗର/ପରଜଙ୍ଗ, ୧।୧୨(ଡି.ଏନ୍.ଏ.)

ଡିସେମ୍ବର ୧, ସର୍ବତ୍ର ପାଳିତ ହୋଇଛି ବିଶ୍ୱ ଏଡ୍‌ସ ଦିବସ। ଏହାକୁ ନେଇ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଖାଦେଇଥିଲା ଉତ୍ସାହ। ଶୋଭାଯାତ୍ରା, ସଭା ମାଧ୍ୟମରେ ସେମାନେ ବାଣ୍ଟିଥିଲେ ସଚେତନତା ବାର୍ତ୍ତା।

ଭୁବନ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ପ୍ଲାକାର୍ଡ ଧରି ଏଡ୍‌ସ ସଚେତନତା ସମ୍ପର୍କିତ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ସଭାରେ ଅଧ୍ୟାପକ ସୁରେନ୍ଦ୍ର ପୋଥାଳ ଯୋଗଦେଇ ଏଡ୍‌ସ ନିରାକରଣ ଉପରେ ମାର୍ଗଦର୍ଶନ କରାଇଥିଲେ। ଏହି ଅବସରରେ ଛାତ୍ରୀମାନେ ଏଡ୍‌ସ ଭଳି ସଂକ୍ରାମକ ରୋଗଠାରୁ ଦୂରେଇ ରହିବା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଅଧ୍ୟାପକ ନିରଞ୍ଜନ ନାୟକ, ଅଧ୍ୟାପିକା ନମିତା ଦ୍ୱିବେଦୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କାମାକ୍ଷାଗର ବ୍ଲକ ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟରେ ପାଳିତ ହୋଇଥିବା ଏଡ୍‌ସ ଦିବସରେ ଏକାଠି ହୋଇଥିଲେ ପୁରାତନ ଛାତ୍ରୀଛାତ୍ର। ଡା. ସୁଧାଂଶୁ ଶେଖର ଷଡଙ୍ଗୀ ଯୋଗଦେଇ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ପୁରାତନ ଛାତ୍ର ସଂଘ ସଭାପତି ବିଭୂତି ଭୂଷଣ ଖଟୁଆ, ସମ୍ପାଦକ ଦୁର୍ଯ୍ୟୋଧନ ନାୟକ, ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାୟକଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ପାରିମାଳ କଲେଜରେ ଏନ୍‌ଏସ୍‌ଏସ୍ ଅଧିକାରୀ ଚନ୍ଦନ କୁମାର ସାହୁ ଏବଂ ମଠକରଗୋଳା ମହାବିଦ୍ୟାଳୟରେ କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି।

ପରଜଙ୍ଗ କଲେଜରେ ଯୁବ ରେଡ୍‌କ୍ରସ୍ ଏବଂ ରେଡ୍ ରିବନ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା ବିଶ୍ୱ ଏଡ୍‌ସ ଦିବସ। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ. ସୁନୀଲ କୁମାର ରଥ ସଭାପତିତ୍ୱ କରିଥିଲେ। ଭାରତରେ ଏଡ୍‌ସ ଆକ୍ରାନ୍ତ ଶିଶୁସଂଖ୍ୟା ପୃଥିବୀରେ ସର୍ବାଧିକ। ଏଥିରୁ ଏହି ରୋଗର ପ୍ରାଦୁର୍ଭାବ ସହଜରେ ଅନୁମେୟ। ବ୍ୟାପକ ପ୍ରଚାର ପ୍ରସାର ସତ୍ତ୍ୱେ ଏଡ୍‌ସକୁ ରୋକାଯାଇପାରୁନାହିଁ। କେବଳ ସଚେତନତା ହିଁ ଏଥିରୁ ସୁରକ୍ଷା ଦେଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସନାତନ ସାମଲ, ସୁରେନ୍ଦ୍ର ସାହୁ, ନୀହାର ରଞ୍ଜନ ସାହୁ, ପ୍ରସନ୍ନ ସାହୁ, ସଞ୍ଜୟ ମୁଦୁଲିଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅଧ୍ୟାପକ ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ୍ତାହିକ କାର୍ଯ୍ୟକ୍ରମ

୨।୧୨।୧୮

**ଅନୁଗୋଳ**

■ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନ
ସ୍ଥାନ- ଖଣ୍ଡହତା
ସମୟ- ପୂର୍ବାହ୍ନ ୧୧ଟା

■ଅନୁଗୋଳ ଉତ୍କର୍ଷ ସମ୍ମାନ-୨୦୧୮
ସ୍ଥାନ- ବିଜୁ ମଇଦାନ
ସମୟ- ସନ୍ଧ୍ୟା ୬ଟା

୩।୧୨।୧୮

**ଅନୁଗୋଳ**

■ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ
ସ୍ଥାନ- ବଣ୍ଟାପାଳ ବ୍ଲକ କାର୍ଯ୍ୟାଳୟ
ସମୟ- ପୂର୍ବାହ୍ନ ୧୦ ଟା

**ଢେଙ୍କାନାଳ**

■ଜନ ଅଭିଯୋଗ ଶୁଣାଣି ଶିବିର
ସ୍ଥାନ-ଉପଜିଲାପାଳଙ୍କ କାର୍ଯ୍ୟାଳୟ।
ସମୟ-ପୂର୍ବାହ୍ନ ୧୦ଟା।

■ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ
ସ୍ଥାନ-ପୌରସଂସ୍ଥା କଲ୍ୟାଣ ମଣ୍ଡପ
ସମୟ-ପୂର୍ବାହ୍ନ ୧୦ଟା

■ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ
ସ୍ଥାନ-ଅକ୍ଷମ କଲ୍ୟାଣ ସମିତି,
କଣ୍ଟାନାଳୀ ବାଇପାସ
ସମୟ-ଅପରାହ୍ନ ୪ଟା।

## ■ଚେମିଣୀ ଘଣ୍ଟି ପାହାଡ ଐତିହ୍ୟର ପୁନରୁତ୍ଥାନ ପ୍ରୟାସ

# ୩ରେ ବିଷ୍ଣୁମନ୍ଦିର ଭୂମିପୂଜନ

**କଣିହାଁ, ୧।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଟୋଲକବେଡା ଗ୍ରାମ ଟିକିରା ନଦୀକୂଳ ଚେମିଣୀ ଘଣ୍ଟି ପାହାଡରେ ଲୁପ୍ତ ପ୍ରାୟ ଐତିହ୍ୟ ଗାଥାର ପୁନରୁତ୍ଥାନ ପାଇଁ ଗ୍ରାମବାସୀ ଆରମ୍ଭ କରିଛନ୍ତି ନିଆରା ପ୍ରୟାସ। ଦୀର୍ଘ ବର୍ଷ ଧରି ଉକ୍ତ ପାହାଡରେ ଥିବା ୧୬ ଗୁମ୍ଫା ଓ ଏହା ଭିତରେ ଭୀମ ଅବତାରରେ ବିଷ୍ଣୁଙ୍କ ପ୍ରତିମୂର୍ତ୍ତି ଦର୍ଶନରୁ ବଞ୍ଚିତ ଗ୍ରାମବାସୀ ପୁଣି ପ୍ରଭୁଙ୍କ ପୂଜାର୍ଚ୍ଚନା କରିବାର ସୌଭାଗ୍ୟ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଗୁମ୍ଫା ସମ୍ମୁଖରେ ବିଷ୍ଣୁ ମନ୍ଦିର ନିର୍ମାଣ ପାଇଁ ଆସନ୍ତା ୩ ତାରିଖରେ ଏହାର ଭୂମିପୂଜନ କରିବାକୁ ଧାର୍ଯ୍ୟ କରାଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

ଗ୍ରାମବାସୀଙ୍କ କହିବା ମୁତାବକ, ଇତିହାସରେ ଚେମିଣୀ ପାହାଡର ଅନେକ କିମ୍ବଦନ୍ତୀ ରହିଛି। ପାହାଡରେ ଥିବା ୧୬ ଗୁମ୍ଫା ଏବଂ ଏହା ମଧ୍ୟରେ ଥିବା ଭଗବାନ ବିଷ୍ଣୁଙ୍କ ପ୍ରତିମୂର୍ତ୍ତିକୁ


ଏନ୍‌ଟିପିସି ପ୍ରକଳ୍ପ ପରିସରରେ ଅନନ୍ତଶୟନ ଅବସ୍ଥାରେ ଥିବା ବିଷ୍ଣୁଙ୍କ ପ୍ରତିମୂର୍ତ୍ତି।

ଗ୍ରାମବାସୀ ପୂଜା କରିଆସୁଥିଲେ। ହେଲେ ଏନ୍‌ଟିପିସି ପ୍ରକଳ୍ପ ପରିସର ମଧ୍ୟରେ ମନ୍ଦିର ରହିବା ପରଠାରୁ ଦୀର୍ଘ ବର୍ଷ ହେଲା ପୂଜାରୁ ଗ୍ରାମବାସୀ ବଞ୍ଚିତ ହୋଇଛନ୍ତି। ଏପରିକି ପ୍ରତିମୂର୍ତ୍ତି ଦର୍ଶନ ପାଇଁ ମଧ୍ୟ ପ୍ରକଳ୍ପର ଅନୁମତି ଆବଶ୍ୟକ ପଡୁଛି। ଫଳରେ ଗୁମ୍ଫା ସମ୍ମୁଖରେ ଗ୍ରାମବାସୀ ବିଷ୍ଣୁଙ୍କ ପୂଜାର ବନ୍ଦୋବସ୍ତ କରିଥାନ୍ତି। ପ୍ରତିବର୍ଷ ମକର ସଂକ୍ରାନ୍ତିରେ ପୂଜାର୍ଚ୍ଚନା ସହ ନିଆରା ବାଲିଯାତ୍ରା ଅନୁଷ୍ଠିତ ହୋଇଥାଏ। ତେବେ ବିଭିନ୍ନ ମହଲରୁ ସହଯୋଗର ହାତ ବଢିବା ପରେ ଗୁମ୍ଫା ସମ୍ମୁଖରେ ଏକ ବିଷ୍ଣୁ ମନ୍ଦିର ନିର୍ମାଣ କରି ସେଠାରେ ପୂଜାର୍ଚ୍ଚନା ଓ ଯାତ୍ରା ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏପରିକି ସେଠାରେ ଏକ ମୁଖଶାଳା ନିର୍ମାଣ ସହ ଦର୍ଶନ ପାଇଁ ନଦୀରେ ଡଙ୍ଗାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଆସନ୍ତା ୩ ରେ ମନ୍ଦିର ନିର୍ମାଣ ଭୂମିପୂଜନ କରାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସକାଳ ୮ଟାରେ କଳସ ଅଧିବାସ ସହ ଯଜ୍ଞ, ୧୧ଟାରେ ପୂର୍ଣ୍ଣାହୁତି, ଅପରାହ୍ନରେ ପ୍ରସାଦ ସେବନର ବନ୍ଦୋବସ୍ତ ହୋଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏହି ଅବସରରେ ଅଞ୍ଚଳବାସୀଙ୍କ ପାଇଁ ଭୀମ ଲଙ୍ଗଳଗାର, ଗୁମ୍ଫା ଦର୍ଶନ, ନୌକା ବିହାରର ମଧ୍ୟ ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ଗ୍ରାମ ପରିଚାଳନା କମିଟି ସଦସ୍ୟ ପ୍ରକାଶ ସାହୁ, ଉପେନ୍ଦ୍ର ସାହୁ, ସୌରଭ ପ୍ରଧାନ, ରଞ୍ଜନ ସାହୁ, ମାନସ ପ୍ରଧାନ, ସତ୍ୟାନନ୍ଦ ସାହୁ ପ୍ରମୁଖ କୁହନ୍ତି, ଐତିହ୍ୟ ପରମ୍ପରା ବଞ୍ଚାଇବା ପାଇଁ ଅଣ୍ଟାଭିଡିଛୁ। କାର୍ଯ୍ୟରେ ଅନେକ ସହଯୋଗ ତଥା ସମର୍ଥନ ମିଳିଛି। ଏନ୍‌ଟିପିସି ପ୍ରକଳ୍ପ ଭିତରେ ରହିଥିବା ଅନନ୍ତ ଶୟନ ମୂର୍ତ୍ତି ଦର୍ଶନରେ ଅବହେଳା ଯୋଗୁ ଏଠାରେ ମନ୍ଦିର ନିର୍ମାଣ ପାଇଁ କାର୍ଯ୍ୟକ୍ରମ ଜାରି ରହିଛି।


ଏଡ୍‌ସ ନିରାକରଣ ସମ୍ପର୍କରେ ସଚେତନତା ବାର୍ତ୍ତା ଦିଆଯାଉଛି।

# ସଚେତନତା ହିଁ ଏକମାତ୍ର ପନ୍ଥା

**ତାଳଚେର,୧।୧୨(ନି.ପ୍ର.)**

ବିଶ୍ୱ ଏଡ୍‌ସ ଦିବସ ଅବସରରେ ତାଳଚେର ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସମସ୍ତ ସ୍କୁଲର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡା, ଆଇଆଇସି ସୌଭାଗ୍ୟ ସ୍ୱାଇଁ, ସାମାଜିକ କର୍ମୀ କ୍ଷୀରୋଦ ସାହୁ, ଶିକ୍ଷକ ସଦାନନ୍ଦ ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ସେଣ୍ଟଜନସ୍ ଅନନ୍ତ ଆମ୍ବୁଲାନ୍ସ ଡିଭିଜନ୍ ତରଫରୁ ଏକ ଶୋଭାଯାତ୍ରା ଡିଭିଜନ୍ କମାଣ୍ଡର ପ୍ରଦୀପ୍ତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। କେନ୍ଦ୍ରୀୟ କର୍ମଶାଳାର କାର୍ମିକ ଅଧିକାରୀ ରାମ କୁମାର ପୃଷ୍ଟି ଓ ଶ୍ରମିକ ନେତା ଶଙ୍କର ବେହେରା ଏହାକୁ ସବୁଜ ପତାକା ଦେଖାଇଥିଲେ। ନେହେରୁ ଶତାବ୍ଦୀ ସେଣ୍ଟ୍ରାଲ୍ ହସ୍ପିଟାଲ୍‌ର ମୁଖ୍ୟ ଚିକିତ୍ସାଧିକାରୀ ଇନଚାର୍ଜ ଡା. ମନୋଜ ବେହେରା, ଅନନ୍ତ ବିହାର ଚିକିତ୍ସାଳୟର ଡାକ୍ତର ତ୍ରିନାଥ ପଣ୍ଡା ପ୍ରମୁଖ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସଭାରେ ବିଧାୟକ ବ୍ରଜ କିଶୋର ପ୍ରଧାନ, ଉପଜିଲାପାଳ, ପି.ଏସ୍.ୟୁ. ସଭାପତି ଦେବୀ ମିଶ୍ର ଯୋଗଦେଇ ଏଡ୍‌ସକୁ ପ୍ରତିହତ କରିବା ପାଇଁ ସଚେତନତା ହିଁ ଏକମାତ୍ର ପନ୍ଥା ବୋଲି ମତବ୍ୟକ୍ତ କରିଥିଲେ। ଆମ୍ବୁଲାନ୍ସ ଅଫିସର ଦୀନବନ୍ଧୁ ପ୍ରଧାନ ଓ ପଞ୍ଚୁ ସାହୁ, ବ୍ରିଗେଡ୍ ମେମ୍ବର ରଞ୍ଜିତ ସାହୁ, ଅରବିନ୍ଦ ପ୍ରଧାନ, ଅଞ୍ଜନ ଶତପଥୀଙ୍କ ସମେତ ବହୁ ସଦସ୍ୟ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପବିତ୍ରନଗର, ୧।୧୨(ଡି.ଏନ.ଏ.):** କଣିହାଁ ବ୍ଲକ ଝୁଲାଖୁଣ୍ଟିଆ ଗ୍ରାମରେ ଶନିବାର ଲୁଧାଲୁଧୁଣୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ଯୁଗଳ କିଶୋର ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ଣ୍ଣଚନ୍ଦ୍ର ପରିଡା ଯୋଗ ଦେଇଥିଲେ। ୪ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଯୋଗଦେବେ। ଉଦ୍‌ଘାଟନୀ ମ୍ୟାଚ ଶିପୁର ଓ ସମଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମଲ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ବିରୁ ଓ ବୁରୁକୁନା ମଧ୍ୟରେ ହୋଇଥିଲା। ଏଥିରେ ବିରୁ ଟିମ୍ ବିଜୟୀ ହୋଇଥିଲା। ବିଜୟୀ ୨ ଟିମ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମୁନା ପରିଡା, ବୁବୁ ପରିଡା ଖେଳ ପରିଚାଳନା କରିଥିଲେ। ଆୟୋଜକ ଟିମ୍‌ର ମିଥୁନ ଗଡନାୟକ, ପିଣ୍ଟୁ ମହାନ୍ତି, ତପନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ୫ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ବଇଣ୍ଡା,୧।୧୨(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ କୃତିବାସପୁର କ୍ଲଷ୍ଟର ତିଳେଶ୍ୱର ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ଶିକ୍ଷକ ସଂଘ ପକ୍ଷରୁ ଶନିବାର ୫ ଜଣ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମଳୟ କୁମାର ସାହୁ, ପଦ୍ମିନୀ ସାଏ, ପୁଷ୍ପାଞ୍ଜଳି ନାଏକ, ରୁଦ୍ରାକ୍ଷ ଭୂଷଣ ସାହୁ, ମୁରଲୀଧର ସାହୁ ପ୍ରମୁଖଙ୍କ ଅନ୍ୟ କ୍ଲଷ୍ଟରକୁ ବଦଳି ହୋଇଥିବାରୁ ଏହି ସଭା ଆୟୋଜିତ ହୋଇଥିଲା। ଗୋପୀନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସିଆରସିସି ଜଳନ୍ଧର ସାହୁ, ମୁଖ୍ୟବକ୍ତା କୁନ୍ତଳା କୁମାରୀ ସାହୁ, ସମ୍ମାନିତ ଅତିଥି ଗୋପାଳ ଚନ୍ଦ୍ର ନାୟକ, ମାନସ ରଞ୍ଜନ ପ୍ରଧାନ, ଭାସ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ମାଧପୁର, ୧।୧୨:** ଆଠମଲ୍ଲିକ ବ୍ଲକ କିଆକଟା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଧୁରଞ୍ଜନ ପ୍ରଧାନଙ୍କୁ ଶନିବାର ସ୍କୁଲ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷକ ଅମିତ ମୁଦୁଲି ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ପୋଖରୀରେ ବୁଡି ମହିଳାଙ୍କ ମୃତ୍ୟୁ

**ସୋର, ୧।୧୨(ଡ଼ି.ଏନ.ଏ.):** ସୋର ଥାନା ଅନ୍ତର୍ଗତ ଅନନ୍ତପୁର ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମର ଜଣେ ମହିଳା ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ଏହି ଗ୍ରାମର ମନୀନ୍ଦ୍ର ମଲ୍ଲିକଙ୍କ ସ୍ତ୍ରୀ ମୀନତି (୩୨) ଶୌଚ ହେବାକୁ ଯାଇ ପୋଖରୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ପରେ ପୋଖରୀରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସୋର ପୋଲିସ ଡ଼ାକ୍ତରଖାନାରେ ଶବ ଜବତ କରି ବ୍ୟବଚ୍ଛେଦ କରାଇଛି। ତାଙ୍କ ସ୍ୱାମୀ ଦୀର୍ଘଦିନ ହେଲା ଜେଲ୍‌ରେ ଅଛନ୍ତି।

# ୱାର୍କର୍ସ କ୍ଲବ ବାର୍ଷିକ ଉତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ତାଳଚେର, ୧।୧୨(ନି.ପ୍ର.)**

ତାଳଚେର ୱାର୍କର୍ସ କ୍ଲବର ୨ୟ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଡା. ଅଶୋକ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଲିଙ୍ଗରାଜ କୋଇଲା ଖଣିର ଜେନେରାଲ ମ୍ୟାନେଜର ଆର.ବି. ରିଙ୍ଗେ, ମୁଖ୍ୟବକ୍ତା ଭାବେ ଡାକ୍ତର କୈଳାସ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ କଟକ ୱାର୍କର୍ସ କ୍ଲବ ସଦସ୍ୟ ଅଶ୍ୱିନୀ ଜେନା, ଲିଙ୍ଗରାଜ କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଏ.କେ. ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନିୟମିତ କିଛି ସମୟ ଚାଲିବା ଉଚିତ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସୁମନ୍ତ ପ୍ରଧାନ, ରାଜକିଶୋର ନାୟକ ମଞ୍ଚ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଅଶୋକ ସାମନ୍ତ ବାର୍ଷିକ ବିବରଣୀ ଓ କୋଷାଧ୍ୟକ୍ଷ ହରେକୃଷ୍ଣ ପାତ୍ର ଆୟ, ବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଏଡ୍‌ସ ସଚେତନତା ବାଣ୍ଟିଲେ ଛାତ୍ରୀଛାତ୍ର

**ଛେଣ୍ଡିପଦା,୧।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ସ୍ଥିତ ବାପୁଜୀ ମହାବିଦ୍ୟାଳୟରେ ଶନିବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ନେତୃତ୍ୱରେ ରେଡକ୍ରସ, ରେଡ୍‌ରିବନ, ଏନ୍‌ଏସ୍‌ଏସ୍ ଓ ଏନ୍‌ସିସି ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ପୋଡାପଡା ଗ୍ରାମ ପରିକ୍ରମା କରିବା ସହିତ ଏଡ୍‌ସ ନିରାକରଣ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ପରେ କଲେଜ ପରିସରରେ ଅନୁଷ୍ଠିତ ଏକ ସଭାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତ ଅନୁଷ୍ଠିତ ହୋଇଥିଲା। ପ୍ରାଧ୍ୟାପକ ଡ. ଅନିଲ ମିଶ୍ର, ଲୋକନାଥ ମିଶ୍ର, ପ୍ରାଧ୍ୟାପକ ଅମିତ ପଟ୍ଟନାୟକ,ଅଧ୍ୟାପକ ଶ୍ରୀକାନ୍ତ ସାହୁ, ଅଧ୍ୟାପିକା ଚତୁରୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଛାତ୍ରୀ ସୁରକ୍ଷିତ ରହିବା ଉପରେ ଗୁରୁତ୍ୱ


ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ବିଜୁ ଯୁବ ବାହିନୀ ସଦସ୍ୟମାନେ।

**ଛେଣ୍ଡିପଦା, ୧।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଶିମିଳିପାଳ ବିଜୁ ଯୁବବାହିନୀ ପକ୍ଷରୁ କୁନି କୁନି ଛାତ୍ରୀମାନଙ୍କ ନିମନ୍ତେ ସମ୍ବେଦନଶୀଳତା କାର୍ଯ୍ୟକ୍ରମ ଶନିବାର ଶିମିଳିପାଳ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀମାନେ କିପରି ସୁରକ୍ଷିତ ଭାବେ ବିଦ୍ୟାଳୟ ଆସିପାରିବେ ତଥା ସେମାନଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ପ୍ରଦାନ ଓ ବିଜୁ କନ୍ୟା ରତ୍ନ ଯୋଜନାର ଉପଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯୁବ ବାହିନୀ ସଭାପତି କରୁଣାକର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ନେତା ଶରତ କୁମାର ପ୍ରଧାନ ଯୋଗ ଦେଇଥିଲେ। ଉକ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରର ଛାତ୍ରୀଛାତ୍ରୀମାନଙ୍କୁ ବହି, ଖାତା, ପେନସିଲ ଆଦି ପ୍ରଦାନ କରାଯାଇଥିଲା। ଯୁବବାହିନୀ ସମ୍ପାଦକ ମୋତିଲାଲ ଦେହୁରୀ, ଉମାକାନ୍ତ ବିଶ୍ୱାଳ, ପ୍ରଧାନ ଶିକ୍ଷକ ତପନ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସହଯୋଗରେ ଅପରାଧ ରୋକିହେବ

**ବଇଣ୍ଡା,୧।୧୨(ଡି.ଏନ.ଏ.)**

ଅପରାଧ ମୁକ୍ତ ଅଞ୍ଚଳ ପାଇଁ ପୋଲିସ-ଜନତା ମଧ୍ୟରେ ସୁସମ୍ପର୍କ ରହିବା ଆବଶ୍ୟକ। ଅପରାଧ ବିଷୟରେ ଲୋକେ ସଙ୍ଗେ ସଙ୍ଗେ ପୋଲିସକୁ ସୂଚନା ଦେଇ ସହଯୋଗ କଲେ ଏହା ରୋକାଯାଇପାରିବ ବୋଲି ଶୁକ୍ରବାର ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପେଡ଼ିପଥର ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ଆମ ପୋଲିସ ସମିତି ବୈଠକରେ ଅତିଥିମାନେ ଏହା କହିଛନ୍ତି। ସନ୍ତୋଷ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଠାକୁରଗଡ଼ ଥାନା ଆଇଆଇସି ଗବାକ୍ଷ ନାୟକ, ପେଡ଼ିପଥର ସରପଞ୍ଚ ଅନ୍ନପୂର୍ଣ୍ଣା ବେହେରା, ଏଏସ୍‌ଆଇ କରୁଣାକର ନନ୍ଦ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଦିଲୀପ କୁମାର ସାହୁ, ଅନୀଲ କୁମାର ସାହୁ, ସୁଶାନ୍ତ କୁମାର ସାହୁ, ରମାକାନ୍ତ ବେହେରା, ଗଣେଶ୍ୱର ବେହେରା, ନିରଞ୍ଜନ ପ୍ରଧାନଙ୍କ ସମେତ ଗ୍ରାମବାସୀ ଯୋଗ ଦେଇଥିଲେ। ବୈଠକରେ ଚୋରା ମଦ ବିକ୍ରି ବନ୍ଦ, ପାଟ୍ରୋଲିଂ କଡ଼ାକଡ଼ି କରିବା, ମଦ୍ୟପାନ କରି ଗଣ୍ଡଗୋଳ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଥିଲା।

# ବାଲିପଟା ଚାମ୍ପିୟନ


ଅତିଥି ବିଜୟୀ ଦଳକୁ ପୁରସ୍କୃତ କରୁଛନ୍ତି।

**ବଇଣ୍ଡା,୧।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ଜାମୁନାଳୀ ହାଇସ୍କୁଲ ଖେଳ ପଡ଼ିଆଠାରେ ଶୁକ୍ରବାର ବିଜୁ ଯୁବ ବାହିନୀ ପକ୍ଷରୁ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କଣ୍ଟେଇକୁଳିଆକୁ ୨ଗୋଲରେ ପରାସ୍ତ କରି ବାଲିପଟା ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଭାବେ ବିଜେଡି ନେତା ଦୁର୍ଯ୍ୟୋଧନ ପ୍ରଧାନ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ସୁନୀଲ ବିଶ୍ୱାଳ, ବିଜୁ ଯୁବ ବାହିନୀର ସଭାପତି ଲୋକନାଥ ଦେହୁରୀ, ସମ୍ପାଦକ ସିପୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ତୋଷ କୁମାର ପ୍ରଧାନ, ବୁଲୁ ପ୍ରଧାନ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ସଚେତନ କଲେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି।

**ଅନୁଗୋଳ ଅଫିସ, ୧।୧୨**

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଯୁବ ରେଡକ୍ରସର ଛାତ୍ରୀଛାତ୍ରମାନେ ଏଡ୍‌ସ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଉଦ୍ଭିଦ ବିଜ୍ଞାନ ମୁଖ୍ୟ ପ୍ରଫେସର ଚିତ୍ତରଞ୍ଜନ ସାହୁ ଏହାର ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟ ସମ୍ମୁଖରୁ ବାହାରିଥିବା ଛାତ୍ରୀଛାତ୍ରମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ଶୋଭାଯାତ୍ରାରେ ସାମିଲ ହୋଇଯାଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଡ. ବସନ୍ତ କୁମାର ସାହୁ, ଡ. ମନମୋହନ ପୃଷ୍ଟି, ଅଧ୍ୟାପିକା ଡ. ରିନା ମାରାଣ୍ଡି, ଡ. କାହ୍ନୁଚରଣ ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ। ଏନ୍‌ସିସି ଅଧ୍ୟାପକ ଡ. ଅଭିମନ୍ୟୁ ଦାସ ସହଯୋଗ କରିଥିଲେ। ସେହିପରି ରୋଟାରି କ୍ଲବ ଓ ରୋଟାରୀ ପବ୍ଲିକ ସ୍କୁଲ ତରଫରୁ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କ୍ଲବ ସଭାପତି ଗୋପାଳକୃଷ୍ଣ ସିଂହ ଏହାର ଶୁଭାରମ୍ଭ କରିଥିଲେ। ଉପସଭାପତି ଡ. ଧରଣୀଧର ନାଥ, ସମ୍ପାଦକ କିଶୋର କୁମାର ଦେହୁରୀ, ରୋଟାରୀ ପବ୍ଲିକ ସ୍କୁଲ ଚେୟାରମ୍ୟାନ ନିଖିଲ ରଞ୍ଜନ ମିଶ୍ରଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉପସ୍ଥିତ ଥିଲେ। ସେହିପରି ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ଦୌରାଜଜ୍ ଅଶାନ୍ତ କୁମାର ଦାସ ଯୋଗଦେଇ ଥିଲେ। ସିଜେଏମ୍ ସୁରେଶ ଚନ୍ଦ୍ର ପ୍ରଧାନ, ଏସ୍‌ଡିଜେଏମ୍ ବିନୟ କୁମାର ପାତ୍ର, ପ୍ରୋବେସନର ଶ୍ରୁତିସ୍ୱରୂପା ସାହୁ ଓ ସଞ୍ଜୀବ ପଣ୍ଡା, ସନ୍ଧ୍ୟା ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ଦାଶ ଏବଂ ଅଧ୍ୟାପକ ଅନିଲ କୁମାର ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ରେଜିଷ୍ଟ୍ରାର ପ୍ରଣତି ପଟ୍ଟନାୟକ ପରିଚାଳନା କରିଥିଲେ।

## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଗଲା

**ଛେଣ୍ଡିପଦା,୧।୧୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ପାଟକମୁଣ୍ଡା ପଞ୍ଚାୟତର ବାଘୁଆବୋଲ ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବିଭାଗ ସୂତ୍ରରୁ ପ୍ରକାଶ ଗ୍ରାମର ସନା ବେହେରା, ବିପିନ ବେହେରା, ପ୍ରଭାକର ବେହେରା, କଳାକର ବେହେରାଙ୍କ ଖଳାରେ ସକାଳ ୧୦ଟାରେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଖଳାରେ ଥିବା ଗୁହାଳ, ବାଇକ୍, ଦୁଇଟି ସାଇକେଲ ସମେତ ଏକ ହଜାରରୁ ଊର୍ଦ୍ଧ୍ୱ ଧାନ ବିଡା ଓ ପାଳ ଗଦା ସମ୍ପୂର୍ଣ୍ଣ ପୋଡିଯାଇଥିଲା। ଖବରପାଇ ଛେଣ୍ଡିପଦା ଦମକଳ ବାହିନୀ ଗ୍ରାମବାସୀଙ୍କ ସହଯୋଗରେ ୨ ଘଣ୍ଟା ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ସରପଞ୍ଚ ଡିଲେଶ୍ୱର ସ୍ୱାଇଁ ଓ ବାଗଡିଆ ରାଜସ୍ୱ ନିରୀକ୍ଷକ ଦୋଳଗୋବିନ୍ଦ ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କ୍ଷୟକ୍ଷତି ଆକଳନ କରାଯାଇ ସରକାରୀ ସହାୟତା ତଥା କ୍ଷତିପୂରଣ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।



**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଲ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଣ୍ଟାପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### କିନ୍ନରଙ୍କୁ ଚିହ୍ନଟ କରିବାରେ ପ୍ରଶାସନର ପଛଘୁଞ୍ଚା




ଅନୁଗୋଳ ଅଫିସ, ୧।୧୨- ଅନୁଗୋଳ ଜିଲାରେ ଏଡ୍ସର ନିରାକରଣ ନିମନ୍ତେ ଦି ମେଡିକ୍ସ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି। ଜିଲାର ୬୪୯ ଜଣ କିନ୍ନରଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଏହି ରୋଗ ସମ୍ପର୍କରେ ସଚେତନ କରାଯାଇଛି। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା ମଧ ହୋଇଛି। କିନ୍ତୁ ଜିଲାରେ ମୋଟ୍ ୩୫୧୭ କିନ୍ନର ରହୁଥିଲେ ବି ପ୍ରଶାସନ ପକ୍ଷରୁ ସେମାନଙ୍କୁ ଚିହ୍ନଟ କରାଯାଉ ନାହିଁ। ଫଳରେ ସେମାନଙ୍କୁ ସରକାରୀ ସୁବିଧା ତଥା ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ ବୋଲି ଏକ ଖବରଦାତା ସମ୍ମିଳନୀରେ ଦି ମେଡିକ୍ସ ପକ୍ଷରୁ କୁହାଯାଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ସମସ୍ତ କିନ୍ନର କିଭଳି ପଞ୍ଜୀକୃତ ହୋଇ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ପାଇପାରିବେ ସେ ନେଇ ବ୍ୟବସ୍ଥା କରାଯିବାକୁ ଦାବି କରାଯାଇଛି।

### ଅଭିଯୁକ୍ତ ବାଦଲଙ୍କୁ କୋର୍ଟ ଚାଲାଣ

ତାଳଚେର,୧।୧୨(ନି.ପ୍ର.)- ତାଳଚେର ପୋଲିସ ଦ୍ୱାରା ଏନ୍କାଉଣ୍ଟର ହୋଇଥିବା ଦୁର୍ଦ୍ଦାନ୍ତ ଅପରାଧୀ ବାଦଲ ରାଉତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ଗତ ୨୧ ତାରିଖରେ ବାଲୁଙ୍ଗା ଖମାର ନିକଟରେ ରାତି ୧୧ଟା ୫୫ରେ ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ବାଦଲଙ୍କୁ ଏନ୍କାଉଣ୍ଟର କରିଥିଲା। ରାତି ୧୨ଟାରେ ତାଙ୍କୁ ମଣ୍ଡାପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଡାକ୍ତର ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ବିଳମ୍ବିତ ରାତିରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ତାଙ୍କୁ କଟକ ନିଆଯାଇ ଥିଲା। ସୁସ୍ଥ ହେବା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ନଂ. ୩୪୭/୧୮ରେ ଏକ ମାମଲା ରୁଜୁ କରାଯାଇ ଥିଲା। ବାଦଲଙ୍କ ନାମରେ ଭଦ୍ରକ, ଅନୁଗୋଳ, ନାଲ୍କୋ, ପୋଲସରା ଥାନାରେ ସଙ୍ଗିନ ଦଫାରେ ମାମଲା ରହିଛି।

### ଆକାଉଣ୍ଟରୁ ଟଙ୍କା ଗାଏବ

ଅନୁଗୋଳ ଅଫିସ, ୧।୧୨- ଅନୁଗୋଳ ବିକାଶନଗର ଅଞ୍ଚଳର ରବିନାରାୟଣ ଦାସଙ୍କ ଏସ୍ବିଆଇ ଆକାଉଣ୍ଟରୁ ୨୪ ହଜାର ଟଙ୍କା ଗାଏବ ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୮୩୨/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ପୋଲିସ, ଅବକାରୀ ବିଭାଗର ଚଢ଼ାଉ

ଛେଣ୍ଡିପଦା,୧।୧୨(ସ୍ୱ.ପ୍ର.)- ଗଞ୍ଜେଇ ଚାଷ ବନ୍ଦ କରିବା ଓ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଛେଣ୍ଡିପଦା ଅଞ୍ଚଳରେ ଶନିବାର ଅବକାରୀ ବିଭାଗ ଓ ଛେଣ୍ଡିପଦା ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ନୂଆଗାଁ, ସନ୍ତରାବନ୍ଧ, ଚାଙ୍ଗୁଡିଆ, ନୂଆପଡା, ତେଣ୍ଟଲୋଇ, ପଲାସବଣିଆ ଆଦି ଜଙ୍ଗଲ ତଥା ସରକାରୀ ଜାଗାରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ବୁଲି କିଛି ନ ପାଇ ଫେରିଥିବା ଜଣାପଡିଛି। ଏପରି ଚଢ଼ାଉ ଜାରି ରହିଲେ ଗଞ୍ଜେଇ ଚାଷ ବନ୍ଦ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

■ଜିଲାସ୍ତରୀୟ ବିଶ୍ୱ ଏଡ୍ସ ଦିବସ

# ସଂଯମ, ସତର୍କତା ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ, ୧।୧୨**

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶନିବାର ଏଡ୍ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ଜିଲା ପରିଷଦ ସଭାପତି ବାସନ୍ତୀ କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଡ୍ସ ରୋଗର ଭୟାବହତା ଉପରେ ଆଲୋକପାତ କରିବା ସହ ଏହାକୁ ନିୟନ୍ତ୍ରଣ ପାଇଁ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ସଚେତନ କରିପାରିଲେ ଜିଲା ଏଡ୍ସ ମୁକ୍ତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ସଂଯମତା ଓ ସତର୍କତା ଅବଲମ୍ବନ ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରିହେବ ବୋଲି ମତବ୍ୟକ୍ତ କରିଥିଲେ।




ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ଏଚ୍ଆଇଭି ସଂକ୍ରମିତ ବ୍ୟକ୍ତିମାନଙ୍କୁ ଅଣଦେଖା ନ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ନିମନ୍ତେ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ। ଏହି ସଭାରେ ଅଧ୍ୟକ୍ଷତା କରିଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ଥିବା ଜିଲା ଯକ୍ଷ୍ମା ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ ଏଡ୍ସର ନିରାକରଣ ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଡିଏମ୍ଓ (ଜନସ୍ୱାସ୍ଥ୍ୟ) ଡା. ରାକେଶ କୁମାର ସାହୁ ଏହି ରୋଗ ଦୂର କରିବା ନିମନ୍ତେ ସାମୂହିକ ଶପଥପାଠ କରାଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ, ଜେଏସ୍ପିଏଲ୍ର ରବିକାନ୍ତ ସୁମାନି, ଜିଲା ସମାଜ ମଙ୍ଗଳ ଅଧିକାରୀ ଆଲମା ବରୁଆ ଓ ଏଆର୍ଟି ସେଣ୍ଟରର ମେଡିକାଲ ଅଫିସର ଡା. ଆକାଶ କୁମାର ପ୍ରମୁଖ ଯୋଗଦେଇଥିଲେ। ଡିପିଏମ୍ ଡା. ପ୍ରମିଳା ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଳୟର ପଦ୍ମାଳୟା ଷଡ଼ଙ୍ଗୀ ଓ ସହକର୍ମୀମାନେ ସହଯୋଗ କରିଥିଲେ। ଏମ୍ସିଏଲ୍, ନାଲ୍କୋ, ଜେଏସ୍ପିଏଲ୍, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଆଇସିଟିସି, ଡିଏସ୍ଆର୍ସି, ଏଆର୍ଟି, ଆହାନା, ଏସ୍ଏଆର୍ସି, ସ୍ପନ୍ଦନ, ଯୁବଶକ୍ତି, ୟୁଏସ୍ଏସ୍ଓସିଏସ୍ସି ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ ଓ କିନ୍ନରମାନେ ଯୋଗ ଦେଇଥିଲେ। ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।

## ସମସ୍ତଙ୍କ ସହଯୋଗ ରୋଗ ଦୂରେଇ ଦେବ



ଜେଏସ୍ପିଏଲ୍ ପ୍ଲାଣ୍ଟ ମଧ୍ୟକୁ ଯାଉଥିବା କର୍ମଚାରୀଙ୍କୁ ରେଡ୍ ରିବନ ଲଗାଯାଉଛି।

**ଅନୁଗୋଳ ଅଫିସ, ୧।୧୨**

ଜେଏସ୍ପିଏଲ୍ ସାମାଜିକ ଦାୟିତ୍ୱବୋଧ ଶାଖା ପକ୍ଷରୁ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପ୍ଲାଣ୍ଟ ପରିସରରେ ଥିବା କର୍ମଚାରୀଙ୍କୁ ରେଡ୍ ରିବନ ଲଗାଯାଇଥିଲା। ଜେଏସ୍ପିଏଲ୍ ଅନୁଗୋଳ ୟୁନିଟ୍ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ ଅତୁଲ୍ୟ ମିଶ୍ର ଓ ନିର୍ବାହୀ ନିର୍ଦ୍ଦେଶକ ସୁରେଶ କୁମାର ଏଡ୍ସକୁ ପ୍ରତିହତ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଜେଏସ୍ପିଏଲ୍ ଫାଉଣ୍ଡେଶନ, ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସଂସ୍ଥା, ଦାପସୁ ଓ ଉତ୍କଳ ସେବକ ସମାଜ ପକ୍ଷରୁ ଜିଲା କାରାଗାର ଠାରେ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏଥିସହ ସପ୍ତାହେ ବ୍ୟାପୀ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଜେଏସ୍ପିଏଲ୍ ପାର୍ଶ୍ୱବର୍ତ୍ତୀ ଗ୍ରାମ, ଟ୍ରକ୍ ଚାଳକ ଓ ପ୍ଲାଣ୍ଟ ଶ୍ରମିକମାନଙ୍କ ପାଇଁ ଆୟୋଜନ ହୋଇଛି ବୋଲି ଜେଏସ୍ପିଏଲ ପକ୍ଷରୁ ସୂଚନା ଦିଆଯାଇଛି।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା

**ତାଳଚେର,୧।୧୨(ନି.ପ୍ର.)**

ବିଜୁ ଯୁବ ବାହିନୀ କ୍ଲବ୍ ୩ ଦ୍ୱାରା ପାଟରାସାହି ୟୁପି ସ୍କୁଲ ପରିସରରେ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପରାମର୍ଶଦାତା ଲଳିତବଲ୍ଲଭ ରାଉତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିରଜା ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଆଦିତ୍ୟ ରଞ୍ଜନ ପାଣି ଓ ବରିଷ୍ଠ ଓକିଲ ମାନସ ରଞ୍ଜନ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ପରେ ସଭାପତି ମନୋଜ କୁମାର ଭୂତିଆଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ଓ ବିଜୁ ଯୁବ ବାହିନୀ ସଭ୍ୟାସଭ୍ୟମାନେ ଖୋଲା ଜାଗାରେ ଶୌଚ ନ କରିବା ପାଇଁ



ସମ୍ବର୍ଦ୍ଧିତ ବରିଷ୍ଠ ନାଗରିକଙ୍କ ସହ ଯୁବ ବାହିନୀ ସଦସ୍ୟମାନେ।

ଏକ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସମ୍ପାଦକ ଅନିଲ କୁମାର ମହାରଣା, କୋଷାଧ୍ୟକ୍ଷ ଦେବବ୍ରତ ମହାପାତ୍ର, ସଞ୍ଜୟ ଘଟୁଆରୀ, ସୁଜିତ୍ ଭୂତିଆ, ପ୍ରେମାନନ୍ଦ ଭୂତିଆ, ବାଙ୍କ ଭୂତିଆ, ପିନୁ ଭୂତିଆ ପ୍ରମୁଖ ସହଯୋଗ କରିଥିଲେ।

## ହଣ୍ଡପା ଚାମ୍ପିୟନ

**ମାଧପୁର, ୧।୧୨**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତରେ ଚାଲିଥିବା ମା' ମାହେଶ୍ୱରୀ ଚ୍ୟାଲେଞ୍ଜ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଶନିବାର ମାଧପୁର ଓ ହଣ୍ଡପା କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହଣ୍ଡପା ଟିମ୍ ୭ ଉଇକେଟରେ ମାଧପୁରକୁ ହରାଇ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅର୍ଜୁନ ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ।

## ସନ୍ଧ୍ୟା ହେଲେ ଏଟିଏମ୍ରେ ତାଲା

**ପାଲଲହଡ଼ା, ୧।୧୨(ଡି.ଏନ.ଏ.)**

ଗ୍ରାହକଙ୍କୁ ୨୪ ଘଣ୍ଟା ଏଟିଏମ୍ ସେବା ଯୋଗାଇବାର ବ୍ୟବସ୍ଥା ବ୍ୟାଙ୍କଗୁଡ଼ିକ ପକ୍ଷରୁ କରାଯାଇଥିଲେ ହେଁ ପାଲଲହଡ଼ା ଉପଖଣ୍ଡରେ ଲୋକେ ଏହି ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଟିଏମ୍ ସେବା ପାଇଁ ବ୍ୟାଙ୍କଗୁଡିକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଆଦାୟ କରୁଛନ୍ତି। ହେଲେ ଏହି ଅଞ୍ଚଳରେ ସନ୍ଧ୍ୟା ହେବା ମାତ୍ରେ ଏଟିଏମ୍ କାଉଣ୍ଟରରେ ତାଲା ପଡିଯାଉଥିବା ଦେଖିବାକୁ ମିଳୁଛି। ଫଳରେ ଲୋକେ ଟଙ୍କା ଉଠାଣ ପାଇଁ ଅସୁବିଧା ଭୋଗୁଛନ୍ତି। କିଛି ମାସ ହେଲା ଏହି ସମସ୍ୟା ଲାଗି ରହିଥିଲେ ହେଁ ବ୍ୟାଙ୍କ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ନାଗରିକ ମଞ୍ଚ ସଭାପତି ସନ୍ତୋଷ କୁମାର ଦେହୁରୀ ସୂଚନା ଦେଇଛନ୍ତି। ଅନ୍ୟପଟେ ସିକ୍ୟୁରିଟି ଗାର୍ଡ ନ ଥିବାରୁ ସନ୍ଧ୍ୟା ହେଲେ ଏଟିଏମ୍ କାଉଣ୍ଟର ବନ୍ଦ କରି ଦିଆଯାଉଥିବା ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

## ହାତୀ ନଷ୍ଟ କଲା ଧାନ, ପରିବା ଫସଲ

**ବନ୍ତଳା, ୧।୧୨ (ଡି.ଏନ.ଏ.)**

ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଚାଷୀଙ୍କ ଚିନ୍ତାର କାରଣ ହୋଇଛି। ବିଶେଷକରି ସନ୍ଧ୍ୟା ହେଲେ ଜଙ୍ଗଲରେ ଥିବା ହାତୀପଲ ଚାଷ ଜମିରେ ପଶି ଧାନ, ପରିବା ଫସଲ ନଷ୍ଟ କରୁଛନ୍ତି। ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ଘଉଡ଼ାଉ ଥିଲେ ମଧ୍ୟ ହାତୀପଲ ପୁଣି ଲେଉଟି ଆସୁଛନ୍ତି। ପୋକତୁଙ୍ଗାରେ ବ୍ୟାପକ ଫସଲହାନି ଘଟାଇବା ପରେ ୩ ଦିନ ହେଲା ତଳଗଡ଼ ପଞ୍ଚାୟତରେ ୧୫ଟି ହାତୀ ଉପଦ୍ରବ ଚଳାଇଛନ୍ତି। ଏଥିଯୋଗୁ ତଳଗଡ଼ ଗ୍ରାମର ମାୟାଧର ସାହୁଙ୍କ ୧୫ ଗୁଣ୍ଠ ଜମିରେ ହୋଇଥିବା ଧାନ, ରଗୁଡ଼ିଆପଡ଼ାର ଅଚ୍ୟୁତ ସାହୁଙ୍କ ୧୮ ଗୁଣ୍ଠ, ରତ୍ନାକର ନାଏକଙ୍କ ୧୦ ଗୁଣ୍ଠ, ଅନିଲ ଦେହୁରୀଙ୍କ ୧୫ ଗୁଣ୍ଠ, କୁମର ଦେହୁରୀଙ୍କ ୧୦ ଗୁଣ୍ଠ, କପିଳ ଦେହୁରୀଙ୍କ ୧୩ ଗୁଣ୍ଠ, କନ୍ତମେଘ ଗ୍ରାମର ଅକ୍ଷୟ ସାହୁଙ୍କ ୧୬ ଗୁଣ୍ଠ ଧାନ ଫସଲ ନଷ୍ଟ ହୋଇଛି। ସେହିପରି କାଶୀନାଥ ଦେହୁରୀଙ୍କ ୫ ଗୁଣ୍ଠ ଜମିରେ ହୋଇଥିବା ବିଲାତି, ଭରତ ଦେହୁରୀଙ୍କ ୨ ଗୁଣ୍ଠ ପରିବା, କପିଳ ଦେହୁରୀଙ୍କ ୨୦ ଗୁଣ୍ଠ



ରଗୁଡ଼ିଆପଡ଼ା ଗ୍ରାମରେ ଜଣେ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଛି।

ପରିବା, ଗିରିଶ ସାହୁଙ୍କ ୫ ଗୁଣ୍ଠ ବିଲାତି, ଗୌତମ ପ୍ରଧାନଙ୍କ ୫ ଗୁଣ୍ଠ ହରଡ଼, ଈଶ୍ୱର ଚନ୍ଦ୍ର ଦେହୁରୀଙ୍କ ୧୮ ଗୁଣ୍ଠରେ ହୋଇଥିବା ବିରି ଓ ସୁଶାନ୍ତ ସାହୁଙ୍କ ୫ଟି ପାଣି ପାଇପ୍ ନଷ୍ଟ ହୋଇଛି। ବର୍ତ୍ତମାନ ଧାନ ଓ ପରିବା ଅମଳ ସମୟ ହୋଇଥିବାରୁ ହାତୀ ଉପଦ୍ରବ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିବା ସଦୃଶ ହୋଇଛି। ଖବରପାଇ ଫରେଷ୍ଟର ଜୟନ୍ତ ଦାସ ପହଞ୍ଚି ତଦନ୍ତ କରିଛନ୍ତି। ତୁରନ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

■ରାଜପଥ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ନେଇ ଅସନ୍ତୋଷ

# ଅଞ୍ଚଳବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ

**ଅନୁଗୋଳ ଅଫିସ, ୧।୧୨**

ଅନୁଗୋଳ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ (କଟକ-ଅନୁଗୋଳ ଡିଭିଜନ)ର ସମ୍ପ୍ରସାରଣ ପାଇଁ ହେଉଥିବା ଜମି ଅଧିଗ୍ରହଣକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ପ୍ରଶସ୍ତୀକରଣ ଯୋଗୁ ନୂଆହତା ପଞ୍ଚାୟତବାସୀ କ୍ଷତିଗ୍ରସ୍ତ ହେଉଥିବାରୁ ଶନିବାର ଶତାଧିକ ଲୋକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି ଯେ, ୨୦୧୩ ଏପ୍ରିଲ ୪ରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲୁ ରହିଛି। ନଭେମ୍ବର ୮ରେ ବାହାରିଥିବା ପିଆର୍ ନୋଟିସରେ ୧୫ ଦିନ ମଧ୍ୟରେ ଜାଗାରୁ ଆସବାବପତ୍ର ଖାଲି କରିବାକୁ କୁହାଯାଇଛି। କିନ୍ତୁ ଯୋରାଗାଡ଼ିଆ ଛକ ଠାରୁ ପ୍ରସ୍ତାବିତ ୧ କିମି ବାଇପାସ୍ ପାଇଁ ଜାଗା ମାଲିକଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ରାଶି ପ୍ରଦାନ




ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ପଞ୍ଚାୟତବାସୀ।

କରାଯାଇ ନାହିଁ। ପ୍ରଥମ ପର୍ଯ୍ୟାୟରେ କିଛି ଲୋକଙ୍କୁ କ୍ଷତିପୂରଣ ଦିଆଯାଇଛି। ଅବଶିଷ୍ଟ ଲୋକଙ୍କ ଜମି ଅଧିଗ୍ରହଣ ହେବ ବୋଲି ବିଜ୍ଞାପନ ଦିଆଯାଇଥିଲେ ବି ଏ ଯାଏ ଜମିର ମୂଲ୍ୟାୟନ ହୋଇପାରି ନାହିଁ। ସେହିପରି ପ୍ଲଟର ପ୍ରଥମ (୭୫) ଫୁଟକୁ ଅଧିଗ୍ରହଣ କରା ନ ଯାଇ ଶେଷ (୨୫) ଫୁଟ ଅଧିଗ୍ରହଣ କରାଯାଇଛି। ଏହାଦ୍ୱାରା ଯେଉଁ ଜମିରେ ଘର ଅଛି ତାହାର କ୍ଷତିପୂରଣ ଲୋକଙ୍କୁ ମିଳିପାରି ନାହିଁ। ୧୯୮୮ରେ କଟକ-ସମ୍ବଲପୁର ଜାତୀୟ ରାଜପଥ ପାଇଁ ଜମି ହରାଇଥିବା ଲୋକଙ୍କ ମଧ୍ୟରୁ ଅନେକଙ୍କୁ କ୍ଷତିପୂରଣ ମିଳି ନ ଥିବା ବେଳେ ରାଜପଥ କର୍ତ୍ତୃପକ୍ଷ ପରବର୍ତ୍ତୀ ସମ୍ପ୍ରସାରଣ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। କିନ୍ତୁ ଜମି ମାଲିକଙ୍କ ସମସ୍ୟାର ସମାଧାନ କିମ୍ବା କ୍ଷତିପୂରଣ ଦିଆଯିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ ବୋଲି କ୍ଷତିଗ୍ରସ୍ତ ଜମି ମାଲିକ ଅଦ୍ୱୈତ ଚନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଅଭିଯୋଗ କରିଛନ୍ତି। ପ୍ରଶାସନ ତୁରନ୍ତ ଏହାର ସମାଧାନ ନ କଲେ ଅଞ୍ଚଳବାସୀ ବାଧ୍ୟ ହୋଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

**ମୂଲ୍ୟ: ୮୦**




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ଯୋଗାଯୋଗ:**
**ଢେଙ୍କାନାଳ/ଅନୁଗୋଳ:** ରାକେଶ ମହାନ୍ତି (୯୭୭୬୭୦୭୦୦୦/୯୪୩୭୦୩୫୩୯୧)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

## ଡିଆଇଇଟି ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଜାରି

**ଛେଣ୍ଡିପଦା, ୧।୧୨(ଡି.ଏନ.ଏ.)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତିକୁ ବିରୋଧ କରି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଦର ମହକୁମା ସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ଶନିବାର ୩ୟ ଦିନରେ ପହଞ୍ଚିଛି। ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶିକ୍ଷକ ପଦବୀରେ ନିଯୁକ୍ତି ପାଇଁ ସରକାର ପ୍ରବେଶିକା ପରୀକ୍ଷା ମାଧ୍ୟମରେ ଡିଇଏଲଇଡି (ଡିପ୍ଲୋମା ଇନ ଏଲିମେଣ୍ଟାରୀ ଏଜୁକେଶନ) କୋର୍ସ କରିଥିବା ଛାତ୍ରୀଛାତ୍ରଙ୍କୁ ଓଟିଇଟି(ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ) ପରୀକ୍ଷା ଦେବା ବାଧ୍ୟତାମୂଳକ କରିଛନ୍ତି। ହେଲେ ଜାତୀୟ ମୁକ୍ତ ବିଦ୍ୟାଳୟ ପାଠ୍ୟକ୍ରମ (ଏନଆଇଓଏସ) ମାଧ୍ୟମରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନଙ୍କୁ ବିନା କୌଣସି ପ୍ରବେଶିକା ପରୀକ୍ଷାରେ ସିଧାସଳଖ ଓଟିଇଟି ପରୀକ୍ଷା ଦେବାକୁ ଯୋଗ୍ୟ ବିବେଚିତ କରିଛନ୍ତି। ଏହା ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ବୋଲି ଅଭିଯୋଗ କରିବା ସହ ତୁରନ୍ତ ଏହାକୁ ପ୍ରତ୍ୟାହାର କରିବାକୁ ସେମାନେ ଦାବି କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଛାତ୍ର ଯୁଗଳ କିଶୋର ଦେହୁରୀ, ବଳରାମ ସାହୁ, ଆକାଶ ସାହୁ, ନୀହାର ଦେହୁରୀ, ନରେଶ ନାୟକ ପ୍ରମୁଖ କହିଛନ୍ତି।




26
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ